# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

Like, Follow & Subscribe Satya News24

RNI No.ODIODI/2024/17847

୦୧ ବର୍ଷ | Volume-01

ISSUE - 08 | ସଂଖ୍ୟା-୦୮

ଭୁବନେଶ୍ୱର, ଗୁରୁବାର ୨୬, ଡିସେମ୍ବର, ୨୦୨୪

Bhubaneswar, Thursday, 26, December 2024

୦୮ ପୃଷ୍ଠା | Pages-08

ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00

E-Mail : satyanews24.bbsr@gmail.com


## ଚାଷୀଙ୍କ ବଢ଼ିଲା ଚିନ୍ତା

ଭୁବନେଶ୍ୱର, ୨୫।୧୨(ନି.ପ୍ର): ଦୁଇଦିନ ହେଲା ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଲାଗି ରହିଛି ବର୍ଷା। ଜାରି ରହିଛି କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା। ବର୍ଷା ଯୋଗୁଁ ବିଲରେ ଅମଳ ଧାନ ଗଜା ହେବା ଅବସ୍ଥାକୁ ଆସିଲାଣି ଏଭଳି ସ୍ଥିତିରେ ଚାଷୀ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି ସେହିପରି ମଣ୍ଡିରେ ପଡିଥିବା ଧାନ ବି ବର୍ଷାରେ ଭିଜୁଥିବାର ଦେଖାଯାଇଛି। ଆସନ୍ତାକାଲି ମଧ ରାଜ୍ୟରେ କୋହଲା ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗର ସୂଚନା।



ଅଦିନିଆ। ବର୍ଷାରେଚଷୀର ଦୁର୍ଦ୍ଦଶା ଦୁଇଗୁଣା କରିଛି। ପାଚିଲା ଧାନ ବିଲରେ ପଡ଼ି ଗଜା ହେବାକୁ ବସିଲାଣି ପାଣିରେ ଲୋଟିଛି ଧାନ ଗଛ ଆଉ ଝଡ଼ିପଡ଼ିଲାଣି ଭିଜା ଧାନ ଦକ୍ଷିଣରୁ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ଆଜି ବି ଜାରି ରହିଛି।ବର୍ଷା ସାଙ୍ଗକୁ କୋହଲା ପାଗ ଜଗତସିଂହପୁରରୁ ଛତ୍ରପୁର, ଗନ୍ଧବାଲିରୁ କଳାହାଣ୍ଡି ସବୁଠି ଚଷୀଙ୍କ ମେରୁଦଣ୍ଡକୁ ବାରମ୍ବାର ପାହାର ମାରିଛି ।ବର୍ଷା ଆପ୍ରାଣ ଉଦ୍ୟମ କରୁଛି ଚଷୀ କେଉଁଠି ଭାଡ଼ିମାରି ଧାନ ମାଡୁଛି, ଆଶା ପାଣି ନିଗିଡିଗଲେ ଧାନ କୁଞ୍ଚାଏ ବଞ୍ଚିଯିବ ସେହିପରି ବିଲରେ ଜମା ହୋଇଥିବା ପାଣିକୁ ମାହାରା କରି କାଟିବାକୁ ଚେଷ୍ଟା କରୁଛି ଚଷୀ।

ଯେଉଁମାନେ ବିଲରୁ ଅମଳ କରିନେଇ ଆସିଛନ୍ତି ସେମାନେ ଯେ ବର୍ତ୍ତି ଯାଇଛନ୍ତି । ସେ କଥା ନୁହେଁ ଖଳାରେ ଯେଉଁମାନେ ଗଦା ମାରି ପାରିନାହାନ୍ତି ପାଲ ଘୋଡ଼ାଇବାକୁ ଚେଷ୍ଟା କରିଛନ୍ତି ।ସେହିପରି ହେଉଛି କଳାହାଣ୍ଡିର ଧାନବସ୍ତା ତଳେ ଥୁଆ। ହୋଇଛି। ଆଉ ବର୍ଷା ପାଣିରେ ଭିଜୁଛି । ଲୋକେ ପାଲ ଘୋଡ଼ାଇ ରଖିବାକୁ ଚେଷ୍ଟା କରୁଛନ୍ତି। ହେଲେ ଓଦା ଧାନ ଏବେ ବିକ୍ରି ହେବା ଉପରେ ଲାଗିଲାଣି ପ୍ରଶ୍ନବାଚୀ। ତେଣୁ ଏଭଳି ସ୍ଥିତିରେ ଚଷୀ କଣ କରିବ ଜାଣିପାରୁନି।

## ଓଡ଼ିଶାକୁ ମିଳିଲା ୪୫୫ କୋଟି

ନୂଆଦିଲ୍ଲୀ, ୨୪।୧୨(ନି.ପ୍ର): କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ପାଇଁ ୪୫୫ କୋଟି ଅର୍ଥ ମଞ୍ଜୁର କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତିକୁ ମିଶାଇ ଏହି ଅର୍ଥ ପ୍ରଦାନ କରାଯାଇଛି। ଅର୍ଥ କମିଶନଙ୍କ ମଞ୍ଜୁର ଅର୍ଥ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ମଞ୍ଜୁର ଅର୍ଥ ୩୦ ଜିଲ୍ଲାର ୩୧୪ ବ୍ଲକର ୬୭୯୪ ପଞ୍ଚାୟତରେ ଖର୍ଚ୍ଚ ହେବ।

ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ଅର୍ଥାତ ୩୭୦.୨୦ କୋଟି ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଣବନ୍ଧିତ ଅନୁଦାନର ପ୍ରଥମ କିସ୍ତିର ବକେୟା ରାଶି ୮୪.୫୦୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଓଡ଼ିଶା ପାଇଁ ୪୫୫ କୋଟି ଅର୍ଥ ମଞ୍ଜୁର କରାଯାଇଛି। ଏହି ପାଣ୍ଠି ରାଜ୍ୟର ସମସ୍ତ ଯୋଗ୍ୟ ୬୭୯୪ଟି ଗ୍ରାମ ପଞ୍ଚାୟତ, ୩୧୪ ଟି ବ୍ଲକ ପଞ୍ଚାୟତ ଏବଂ ୩୦ଟି ଜିଲ୍ଲା ପଞ୍ଚାୟତ ପାଇଁ ରହିଛି। ରାଜସ୍ଥାନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଅଣବନ୍ଧିତ ଅନୁଦାନର ଦ୍ୱିତୀୟ କିସ୍ତି ଅର୍ଥା ୫୬୦.୬୩ କୋଟି ଟଙ୍କା ଏବଂ ୧ମ କିସ୍ତିର ଅଟକି ରହିଥିବା ରାଶି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୫୩.୪୧୨୩ କୋଟି ଟଙ୍କାର ଅଣବନ୍ଧିତ ଅନୁଦାନର କିସ୍ତି ପ୍ରଦାନ କରାଯାଇଛି।

## କଂଗ୍ରେସକୁ ସିଧା ସଳଖ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୫।୧୨(ନି.ପ୍ର):** ବାବା ସାହେବ ଆମ୍ବେଦକରଙ୍କୁ ନେଇ ବିରୋଧୀ ଦଳ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟାର୍ଗେଟ କରୁଥିବାବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଜବାବ ଦେଇଛନ୍ତି। କଂଗ୍ରେସ କ୍ଷମତାରେ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ବିଳମ୍ବିତ କରୁଥିବା ଓ ପ୍ରଭାବୀ ନୀତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା ବୋଲି ମୋଦି ଅଭିଯୋଗ କରିଛନ୍ତି ।



ସୁଶାସନ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦି ଅଭିଯୋଗ କରିଛନ୍ତି ଯେ ଦେଶର ସର୍ବପୁରାତନ ରାଜନୀତିକ ଦଳ ଜଳ ସଂରକ୍ଷଣ କାମକୁ ଅଣଦେଖା କରିଥିଲା ଓ ଚଷୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହୋଇଥିଲାଫ ବିଶେଷ କରି ବୁନ୍ଦେଲଖଣ୍ଡର ଚଷୀ ଏହା ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । ମୋଦି ଦାବି କରିଛନ୍ତି ଯେ ବାବା ସାହେବ ଆମ୍ବେଦକର ଭାରତର ଜଳ ସଂରକ୍ଷଣ ନୀତିକୁ ଉପଯୁକ୍ତ ରୂପ ଦେବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ନିୟମିତ ଭାବେ ତାଙ୍କ ଅବଦାନକୁ ଅଣଦେଖା କରି ଆସୁଥିଲା । ସ୍ୱାଧୀନତା ପରେ ବାବା ସାହେବଙ୍କ ଦୂରଦୃଷ୍ଟି ଭାରତ ଜଳ ଉତ୍ସ ଓ ସଂରକ୍ଷଣ ଉଦ୍ୟମକୁ ଆଗକୁ ନେଇଥିଲା । ଏବେ ବି କେନ୍ଦ୍ରୀୟ ଜଳ କମିଶନ ରହିଛି । ଏହା ପଛରେ ବାବା ସାହେବଙ୍କ ଭୂମିକା ରହିଛି । କିନ୍ତୁ କଂଗ୍ରେସ କେବେ ହେଲେ ଏଥିପାଇଁ ତାଙ୍କୁ ଶ୍ରେୟ ଦେଇନାହିଁ ବୋଲି ମୋଦି କହିଛନ୍ତି । ମୋଦି ଆହୁରି କହିଛନ୍ତି, କଂଗ୍ରେସର ବିଶ୍ୱାସ ଗଭର୍ନାନ୍ସ ହେଉଛି ସେମାନଙ୍କର ଜନ୍ମଗତ ଅଧିକାର। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ସେମାନେ ବିଫଳ । ଲୋକଙ୍କୁ କୌଣସି ଫାଇଦା ନ ଦେଇ ସେମାନେ କେବଳ ଯୋଜନା ଘୋଷଣା କରିବାରେ ବେଶ ମାହିର । ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ସରକାର ଭିତ୍ତିପ୍ରସ୍ତର ପ୍ରତିଷ୍ଠା ପରେ ମଧ ବିଭିନ୍ନ ପ୍ରକଳ୍ପକୁ ୩୫ରୁ ୪୦ ବର୍ଷ ବିଳମ୍ବ କରୁଥିଲା । ଗଭର୍ନାନ୍ସ ଓ କଂଗ୍ରେସ ଏକାଠି ଯାଇ ପାରିବେ ନାହିଁ। ବିଜେପିର କାର୍ଯ୍ୟକ୍ରମଗୁଡ଼ିକୁ ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ ମୋଦି ପିଏମ କିଷାନ ସମ୍ମାନ ନିଧି ଯୋଜନା ଓ ମଧ୍ୟପ୍ରଦେଶର ଲାଡଲୀ ବେହନା ଯୋଜନା କଥା କହିଛନ୍ତି । ଏହି ଦୁଇ ଯୋଜନା ଦ୍ୱାରା ଚଷୀ ଓ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ମୋଦି କହିଛନ୍ତି ।

## ସମ୍ବଲପୁରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଲିଲେ କେନ୍ଦ୍ରମନ୍ତ୍ରୀ




ସମ୍ବଲପୁର, ୨୫।୧୨(ନି.ପ୍ର): ଚଷ ହେଉଛି ସମ୍ବଲପୁରର ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ ସମ୍ବଲପୁରର ଜନସାଧାରଣ ବିଶେଷ ଭାବରେ ଅନ୍ନଦାତାଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସୁଶାସନ ଦିବସ ଅବସରରେ ସମ୍ବଲପୁର ଜିଲ୍ଲାର ଅଇଁଠାପାଲି ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ରେ ଯୋଗଦେଇ ଶ୍ରୀ ପ୍ରଧାନ ଚଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ କରିଛନ୍ତି ବିଭିନ୍ନରକମର ଚଷ କରୁଥିବା ଚଷୀ, ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁର ସମେତ ଓଡ଼ିଶାର ଚଷ ଓ ଚଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ଓଡ଼ିଶାର ଚଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲାରେ ଅଧିକ ଧାନ କିଣାଯିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନାରେ ମାଆ। ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି। ଏ ସବୁ ଦ୍ୱାରା ଆନୁମାନିକ ୫୫୦ କୋଟି ଟଙ୍କା ସମ୍ବଲପୁର ଜିଲ୍ଲାକୁ ପ୍ରଥମ ଥର ପାଇଁ ଡବଲ ଇଞ୍ଜିନ ସରକାର ଦେଉଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ନବୀନ ଓ ନୀତିଶଙ୍କୁ ମିଳୁ ଭାରତରତ୍ନ'

ନୂଆଦିଲ୍ଲୀ, ୨୫।୧୨(ନି.ପ୍ର): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ। ବୁଧବାର ନିଜ ସଂସଦୀୟ କ୍ଷେତ୍ର ବେଗୁସରାଇରେ ଏଭଳି ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ।

ସେ କହିଥିଲେ, ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ନହେଲା ପର୍ଯ୍ୟନ୍ତ ବିହାର ଏହାର ଖରାପ ରାସ୍ତା, ଦୁର୍ବଳ ସ୍କୁଲ୍ କୋଠା ଆଦି ପାଇଁ ବେଶ୍ ଜଣାଶୁଣା ଥିଲା। କିନ୍ତୁ ନୀତୀଶ ରାଜ୍ୟକୁ ଏକ ନୂଆସ୍ତରକୁ ନେଇ ଯାଇଛନ୍ତି। ବର୍ତ୍ତମାନର ଛୁଆମାନେ ଲାଲୁଙ୍କ ଜଙ୍ଗଲ ରାଜ ଦେଖି ନାହାନ୍ତି। ନୀତୀଶ କୁମାର ଏହି ରାଜ୍ୟର ବିକାଶ କରିଛନ୍ତି। ସେହିପରି ନବୀନ ପଟ୍ଟନାୟକ ଓଡ଼ିଶାକୁ ବହୁ ବର୍ଷ ଧରି ଶାସନ କଲେ। ସେମାନଙ୍କ ଭଳି ନେତାମାନେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇବାକୁ ହକଦାର। ନୀତୀଶ କୁମାରଙ୍କ ଦଳ ଏବେ ବିଜେପି ନେତୃତ୍ୱାଧୀନ ଏନଡିଏରେ ଅଛି। ନବୀନଙ୍କ ନେତୃତ୍ୱାଧୀନ ବିଜେଡି ଏକଦା ଏନଡିଏରେ ଥିଲା। ଗିରିରାଜ ସିଂହ ଆହୁରି କହିଥିଲେ ଯେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଚଲାକି ଓ ପ୍ରୟାସ କାମ କରିବନି। ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନଡିଏ ବିହାରରେ ଆସନ୍ତା ବିଧାନସଭା ନିର୍ବାଚନ ଲଢ଼ିବ।

## ଶ୍ରୀଜିଉଙ୍କୁ ଦର୍ଶନ କଲେ ବିଦାୟୀ ରାଜ୍ୟପାଳ

ପୁରୀ, ୨୫।୧୨(ନି.ପ୍ର): ରାଜ୍ୟପାଳ ପଦରୁ ମଙ୍ଗଳବାର ଇସ୍ତଫା ଦେଇଥିବା ରଘୁବର ଦାସ ଆଜି ପୁରୀ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି। ଏହି ସମୟରେ ସେ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ମୋତେ ଓଡ଼ିଶାର ସେବା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଏହା ପରେ ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ଭାଜପାର ଜଣେ ଶୃଙ୍ଖଳିତ କର୍ମୀ ଭାବେ ମୁଁ ତାକୁ ଗ୍ରହଣ କରିବି।



ରଘୁବର ଓଡ଼ିଶାର ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ହରିବାବୁ କମ୍ଭମପତି ନୂଆ। ରାଜ୍ୟପାଳ ନିଯୁକ୍ତି ହୋଇଛନ୍ତି। ରଘୁବରଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ଦୌପଦୀ ମୂର୍ମୁଙ୍କ ପାଖକୁ ପାଖକୁ ପଠାଇଛନ୍ତି। ତେବେ ରଘୁବରଙ୍କ ଇସ୍ତଫା ପରେ ଓଡ଼ିଶା ରାଜନୀତି ସରଗରମ ହୋଇ ଉଠିଛି। ରଘୁବର ୨୦୨୩ରେ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିବାବେଳେ ହଠ୍ ସେ ଇସ୍ତଫା ଦେବା ଚର୍ଚ୍ଚାର ଖୋରାକ ଯୋଗାଇଛି। କୁହାଯାଉଛି ସେ ପୁଣି ରାଜନୀତିକୁ ଫେରି ପାରନ୍ତି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟପାଳ ଭାବେ ଇସ୍ତଫା ଦେବା ପରେ ପୁଣି ଥରେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ୧୫୪୨ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଶୁଭାରମ୍ଭ

**ଭୁବନେଶ୍ୱର, ୨୫।୧୨(ନି.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି। ଲୋକ ସେବା ଭବନର ସଭାଗୃହଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସମବାୟ ସମିତି ଗୁଡିକର ଶୁଭାରମ୍ଭ କରିଛନ୍ତି।

ରାଜ୍ୟରେ ସମୁଦାୟ ୨୭୧୧ଟି ପ୍ୟାକ୍ସ ଥିବା ବେଳେ, ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପ୍ୟାକ୍ସ ଗଠନ କରିଛନ୍ତି । ଏହା ଦ୍ୱାରା ରାଜ୍ୟର ସମୁଦାୟ ପ୍ୟାକ୍ସ ସଂଖ୍ୟା ୪୨୫୩ରେ ପହଞ୍ଚିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଗୁଡିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି, ପ୍ୟାକ୍ସ ଓ ଲାମ୍ପସ ଗୁଡ଼ିକୁ ବହୁମୁଖୀ କରିବା ପାଇଁ ମଡେଲ ବାଇ-ଲ ପ୍ରଚଳନ; କମ୍ପ୍ୟୁଟରିକରଣ ମାଧ୍ୟମରେ ପ୍ୟାକ୍ସଗୁଡ଼ିକୁ ସ୍ୱଚ୍ଛ ଓ ମଜଭୁତ କରିବା, ସାର ଓ ବିହନ ଯୋଗାଣ, ଜନ ଔଷଧୀ କେନ୍ଦ୍ର ଓ କମନ୍ ସର୍ଭିସ ସେଣ୍ଟର ସ୍ଥାପନ, କୃଷି ସେବା କେନ୍ଦ୍ର ସ୍ଥାପନ, ଗ୍ରାହକ କେନ୍ଦ୍ର ସ୍ଥାପନ, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନ ଇତ୍ୟାଦି।



ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ୍ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏହି ମଡେଲ ପ୍ୟାକ୍ସ ଗୁଡିକ ଗୋଟିଏ ଗୋଟିଏ ୱାନ୍-ଷ୍ଟପ୍ ସପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ସେ କହିଥିଲେ। ଆଦର୍ଶ ପ୍ୟାକ୍ସ ଓ ଲାମ୍ପସଗୁଡିକ ସମବାୟ ସମିତି ମାନଙ୍କୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ୨୦୧୫ ମସିହାରୁ ବନ୍ଦ ହୋଇ ପଡିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏହା ଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକମାନଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଥିଲେ।ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ। ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମବାୟ ସଂସ୍ଥା ଗୁଡିକ ଚଷୀ ମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟାର ରିଅଲ୍ ଟାଇମ୍ ସେଟଲମେଣ୍ଟ କରିବା ଆବଶ୍ୟକ ନହେଲେ କମ୍ପ୍ୟୁଟରୀକରଣର କୌଣସି ଅର୍ଥ ନାହିଁ। ଅନେକ ସଂସ୍ଥା ଏବେ ବି ଏକ୍ସେଲ ସିଟରେ ହିସାବ କିତାବ କରି କରୁଛନ୍ତି। ଏହା ଦ୍ୱାରା ଦୁର୍ନୀତି ପ୍ରଶ୍ରୟ ପାଇବ ତେଣୁ, ସବୁ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆ। ଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଅଦିନିଆ। ବର୍ଷାର ସମ୍ମୁଖୀନ ହୋଇ ଚଷୀ ମାନଙ୍କୁ ବୀମାଭୁକ୍ତ କରାଯାଇଛି ସେମାନେ କ୍ଷତି ସହିବେ ନାହିଁ ଯେଉଁ ଚଷୀ ମାନେ ବିମା କରି ନାହାନ୍ତି ସେମାନଙ୍କୁ ବୀମା କରିବା ପାଇଁ ସମବାୟ ସଂସ୍ଥା ମାନେ ଉଦ୍ୟମ କରିବାକୁ ସେ ଅନୁରୋଧ କରିଥିଲେ ।

## ବାଜପେୟୀଙ୍କ ବ୍ୟକ୍ତିତ୍ୱ ଥିଲା ଶାନ୍ତ, ସ୍ନିଗ୍ଧ, ସରଳ ଓ ନମ୍ର

**ଭୁବନେଶ୍ୱର, ୨୫।୧୨(ନି.ପ୍ର):** ବାଜପେୟୀ ଜୀ ଥିଲେ ଜଣେ ଦେବୋପମ ବ୍ୟକ୍ତି। ତାଙ୍କ ଜୀବନର ଗଭୀରତା, ସଦ୍‌ଗୁଣ ଓ ଆଦର୍ଶ ତାଙ୍କୁ ଦେବତାଙ୍କ ସହିତ ତୁଳନୀୟ କରିଥିଲା। ତାଙ୍କର ବ୍ୟକ୍ତିତ୍ୱ ଥିଲା ଶାନ୍ତ, ସ୍ନିଗ୍ଧ, ସରଳ ଓ ନମ୍ର। ଦଳମତ ନିର୍ବିଶେଷରେ ସେ ଥିଲେ ସମସ୍ତଙ୍କ ପ୍ରିୟ। ତାଙ୍କର ରାଜନୈତିକ ବିରୋଧୀ ଥିଲେ। କିନ୍ତୁ, କେହି ଶତ୍ରୁ ନଥିଲେ। ତେଣୁ, ସେ ଥିଲେ ଅଜାତଶତ୍ରୁ। ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ

### ଓଡିଶାର ବିକାଶ ପାଇଁ ବାଜପେୟୀଙ୍କ ଭୂମିକା ଅତୁଳନୀୟ

ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ଉଦାର ହୃଦୟ ଜନନାୟକ, ସଫଳ ପ୍ରଧାନମନ୍ତ୍ରୀ, ଓଜସ୍ୱିନୀ ବକ୍ତା ଓ ଜଣେ ପ୍ରସିଦ୍ଧ କବି ଭାବେ ଭାରତ ବର୍ଷର ରାଜନୈତିକ ଇତିହାସରେ ସ୍ୱର୍ଗତ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସେ ପୁଣି କହିଥିଲେ ଯେ ବାଜପେୟୀଜୀ ଥିଲେ ଜଣେ ଯୁଗପୁରୁଷ। ବିଂଶ ଶତାବ୍ଦୀର ଶେଷ ଭାଗରେ ଓ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେ ଦେଶର ନେତୃତ୍ୱ ନେଇ ସାରା ଦେଶକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ। ଦେଶର ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କର ସଫଳ



ନେତୃତ୍ୱ ହିଁ ପ୍ରମାଣିତ କରିଥିଲା ଯେ, ଏକବିଂଶ ଶତାବ୍ଦୀ ହେବ ଭାରତର ଶତାବ୍ଦୀ। ତାଙ୍କ ଶାସନରେ ଦେଶର ବିକାଶର ଗତି ଏକ ନୂତନ ଶିଖର ଛୁଇଁ ଥିଲା। ଅର୍ଥନୈତିକ ପ୍ରଗତି ଓ ଭିତ୍ତିଭୂମିର ବିକାଶ ତାଙ୍କ ଶାସନର ଏକ ଉଜ୍ଜ୍ୱଳ ଅଧ୍ୟାୟ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ବାଜପେୟୀଙ୍କୁ ଜଣେ ସୁଶାସକ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ତାଙ୍କ ସମୟରେ ଦେଶର ଆର୍ଥିକ ପ୍ରଗତି ନୂତନ ଶିଖର ଛୁଇଁ ଥିଲା। ବିକାଶର ସବୁଠୁ ବଡ ଆବଶ୍ୟକତା ଭିତ୍ତିଭୂମି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଯଦି ଆମେ ଭାରତର ବିକାଶର ଇତିହାସକୁ ଦେଖିବା, ତେବେ ବାଜପେୟୀଙ୍କ ସମୟ ହେଉଛି, ଭିତ୍ତିଭୂମି ବିକାଶର ଏକ ନୂତନ ଅୟମାରମ୍ଭ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଭାରତର ଚରି ମହାନଗରୀକୁ ଯୋଡି ସେ ବିକାଶକୁ ଏକ ନୂଆ ଗତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସେ ଦେଶର ଗାଁ ଗୁଡିକରେ ସିମେଣ୍ଟ କଂକ୍ରିଟ ରାସ୍ତା କରି ଗ୍ରାମ୍ୟ ଭିତ୍ତିଭୂମି ସୁଦୃଢ଼ କରିଥିଲେ। ବାଜପେୟୀଙ୍କ ସୁଦୂର ପ୍ରସାରି ଚିନ୍ତାଧାରା ଗାଁ'ର ପରିବେଶ ଓ ଗ୍ରାମ୍ୟ ଅର୍ଥନୀତିରେ ଏକ ବ୍ୟାପକ ପରିବର୍ତ୍ତନ ଆଣି ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବାଜପେୟୀ କହିଥିଲେ ଯେ, ଓଡିଶାର ବିକାଶ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ। ବାଜପେୟୀଜୀଙ୍କ ଏହି ଆଶ୍ୱାସନା ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଥିଲା। ବାଜପେୟୀଜୀ ଏହାକୁ ଏକ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହା ବ୍ୟତିତ ଓଡିଶାର କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କରେ ୭ ଲକ୍ଷ ଘର ନିର୍ମାଣ ପାଇଁ ଅର୍ଥ ଅନୁମୋଦନ କରିଥିଲେ କେବଳ ସେତିକି ନୁହେଁ, ପାରାଦୀପରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଦ୍ୱାରା ଏକ ରିଫାଇନାରୀ ସ୍ଥାପନ ଓ ଭୁବନେଶ୍ୱରରେ ଏମ୍ସ ସ୍ଥାପନ ପାଇଁ ମଧ ସେ ଭିତ୍ତିପ୍ରସ୍ତର ରଖିଥିଲେ। ଏହା ସହିତ ୨୦୦୩ ମସିହାରେ ଇଷ୍ଟକୋଷ୍ଟ ରେଳବାଇ ମଧ ସ୍ଥାପନ ହୋଇଥିଲା। ବାଜପେୟୀଙ୍କ ସମୟରେ ହିଁ ସାନ୍ତାଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରାଯାଇ, ଦେଶର ଏକ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମେ ଜଣେ ସୁଶାସକ କେବଳ ତାଙ୍କୁ ହିଁ କହି ପାରିବା, ଯାହାଙ୍କ ଶାସନରେ ଲୋକ ନିଜକୁ ସବୁ ଦୃଷ୍ଟିରୁ ସୁରକ୍ଷିତ ମନେ କରିବେ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ ଯେ ବାଜପେୟୀଙ୍କ ଜୀବନୀ ଓ ଆଦର୍ଶ ରୁ ଆମକୁ ବହୁ କିଛି ଶିଖିବାର ଅଛି ବିକାଶ ଓ ପ୍ରଗତିର ଏକମାତ୍ର ମାଧ୍ୟମ ହେଉଛି ସୁଶାସନ ବୋଲି ସେ କହିଥିଲେ।

ସ୍ୱାଗତ ଭାଷଣ ଦେଇ ସୂଚନା ଓ ଲୋକ ସମ୍ପର୍କ ବିଭା ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କହିଲେ ଯେ ସେବା ଭାବ, ସମ୍ବେଦନଶୀଳତା ଓ ଉତ୍ତରଦାୟିତା ମାଧ୍ୟମରେ ବାଜପେୟୀ ସୁଶାସନ ପ୍ରତିଷ୍ଠା କରିଥିଲେଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା।

## ବିମାନ ଦୁର୍ଘଟଣାରେ ୪୨ ମୃତ

ଅସ୍ତାନା, ୨୫।୧୨(ନି.ପ୍ର): ଆଜେରବାଇଜାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣା ହୋଇଥିବା ଖବର ସାମ୍ନାକୁ ଆସିଛି। ଏଥିରେ ୪୨ ଜଣ ପାସେଞ୍ଜରଙ୍କ ମୃତ୍ୟୁହୋଇଥିବାବେଳେ ସୌଭାଗ୍ୟବଶତଃ ୨୫ ଜଣ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। ଏହି ବିମାନଟି ବାକୁ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା ଯେଉଁଥିରେ ୬୭ ଜଣ ଯାତ୍ରୀ ଥିଲେ। ଏହି ବିମାନଟି ରୁଷିଆର ଚେଞ୍ଚିଆର ଗ୍ରୋଜନି ଯିବାକୁ ଥିଲା, କିନ୍ତୁ ଗ୍ରୋଜନିରେ କୁହୁଡ଼ି ହେତୁ ଏହାର ମାର୍ଗ ପରିବର୍ତ୍ତନ କରାଯାଇଥିଲା। କାଜାକିସ୍ତାନ ବିମାନ ବନ୍ଦରରେ ବିମାଟି ଜରୁରୀକାଳୀନ ଲ୍ୟାଣ୍ଡିଂ କରିବାକୁ ଅନୁମତି ମାଗିଥିଲା। ଏହର କିଛି ସମୟ ପରେ ବିମାଟି ଦୁର୍ଘଟଣାର ଶିକାର ହୋଇଥିଲା। ବିମାନଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ପଛଭାଗରେ ବିଶେଷ କ୍ଷୟକ୍ଷତି ହୋଇନଥିବାରୁ ଲୋକଙ୍କୁ ବଞ୍ଚାଇବା ସମ୍ଭବପର ହୋଇଥିଲା। ଦୁର୍ଘଟଣା ପରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚଲିଥିଲା। ଭୟଙ୍କର ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା।



# ଲିଫ୍ଟ ଦେଇ ୧୧ ଜଣଙ୍କୁ ହତ୍ୟା

ନୂଆଦିଲ୍ଲୀ, ୨୫।୧୨ : ରାସ୍ତାରେ ଅସହାୟ ଲୋକଙ୍କୁ ସହଯୋଗ ନାଁରେ ଲିଫ୍ଟ ଦେଉଥିଲା ଏହାପରେ ସେମାନଙ୍କୁ ଲୁଟ କରୁଥିଲା। କିଛି ଜଣଙ୍କ ସହ ଶାରିରୀକ ସମ୍ପର୍କ ମଧ୍ୟ ରଖିଥିଲା। ଶେଷରେ ସେମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ତଣ୍ଟି ଚିପି ହତ୍ୟା କରୁଥିଲା।ମାତ୍ର ୧୮ ମାସ ମଧ୍ୟରେ ୧୧ ଜଣ ବ୍ୟକ୍ତିଙ୍କୁ ଲିଫ୍ଟ ଦେବା ନାଁରେ ହତ୍ୟା କରିଥିବା ଜଣେ ସିରିଏଲ କିଲର ଏବେ ପୁଲିସ୍ ହାତରେ ଧରାପଡ଼ିଛି।



ପଞ୍ଜାବରେ ଏପରି ଲୋମହର୍ଷଣକାରୀ ଘଟଣା ଘଟିଥିବା ବେଳେ ପୁଲିସ୍ ହୋଶିଆ।ରପୁରର ଚୌରା ଗାଁରେ ରହୁଥିବା ୩୩ ବର୍ଷୀୟ ରାମ ସ୍ୱରୂପକୁ ଗିରଫ କରିଛି। ପୁଲିସ୍ କହିଛି ଯେ ହତ୍ୟାର ଶିକାର ହୋଇଥିବା ସମସ୍ତେ ପୁରୁଷ। ଅଭିଯୁକ୍ତ ଜଣଙ୍କ ଲିଫ୍ଟ ଦେବା ନାଁରେ ସମସ୍ତଙ୍କୁ ନିଜ ସହ ନେବା ସହ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିଲା।

ରାମ ସ୍ୱରୂପ ସେମାନଙ୍କୁ ଲୁଟ କରିବା ସହ ସେମାନଙ୍କୁ ହତ୍ୟା କରୁଥିଲା କିଛି ଲୋକଙ୍କୁ ସେ କପଡ଼ା ଦ୍ୱାରା ତଣ୍ଟି ଚିପି ହତ୍ୟା କରିଥିବା ବେଳେ ଆ।ଉ କିଛି ଜଣଙ୍କ ମୁଣ୍ଡକୁ ଆ।ଘାତ ଦେଇ ମାରିଥିଲା।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜଣେ ମୃତକଙ୍କ ପୀଠରେ ଅଭିଯୁକ୍ତ ଜଣକ ପିଠିରେ ଧୋକା ବାଜ ବୋଲି ଲେଖିଥିଲା ପୀଡ଼ିତ ଜଣଙ୍କ ପୂର୍ବତନ ସେନା କର୍ମଚାରୀ ସେ ଗୋଟିଏ ଘରୋଇ ଫ୍ୟାକ୍ଟ୍ରୀରେ ସିକ୍ୟୁରିଟୀ ଗାର୍ଡ ଭାବେ କାମ କରୁଥିଲେ।

ପ୍ରଥମେ ପୁଲିସ୍ ରାମ ସ୍ୱରୂପକୁ ଜଣେ ୩୭ ବର୍ଷୀୟ ବ୍ୟକ୍ତିଙ୍କ ହତ୍ୟା ଘଟଣାରେ ଗିରଫ କରିଥିଲା ଅଗଷ୍ଟ ୧୮ ତାରିଖରେ ସେ ମୋଦ୍ରା ଟୋଲା ପ୍ଲାଜାରେ ପାଣି ଓ ଚା ଦେଉଥିବା ୩୭ ବର୍ଷୀୟ ବ୍ୟକ୍ତିଙ୍କୁ ମାରି ଦେଇଥିଲା ଏହି ଘଟଣାରେ ପୁଲିସ୍ ତାକୁ ଜେରା କରିବା ବେଳେ ସେ ଆ।ଉ ୧୦ ଜଣଙ୍କୁ ମଧ୍ୟ ମାରିଥିବା କହିଥିଲା।ରାମ ସ୍ୱରୂପ ଏପ୍ରିଲ ୫ରେ ଜଣେ ୩୪ ବର୍ଷୀୟ ଟ୍ରାକ୍ଟର ମେକାନିକଙ୍କୁ ପିଟିପିଟି ମାରି ଦେଇଥିଲା ଜାନୁଆ।ରୀ ୨୪ରେ ଜଣେ ଯୁବକଙ୍କୁ ସେ କାର ଭିତରେ ହତ୍ୟା କରିଥିଲା। ରୂପନଗର, ହୋସିଆ।ରପୁର ଓ ଫତେଗଡ଼ ଜିଲ୍ଲାରେ ରାମ ସ୍ୱରୂପ ହତ୍ୟାକାଣ୍ଡ ଘଟାଇଛି।ଶ୍ରମିକ ଭାବେ କାମ କରୁଥିବା ରାମ ସ୍ୱରୂପ ସବୁବେଳେ ଡ୍ରଗ୍ସ ନେଇଥାଏ ।ନିଶାସକ୍ତ ଅବସ୍ଥାରେ ସେ ୧୧ ଜଣଙ୍କୁ ମାରିଛି। ସେହିପରି ହତ୍ୟା କରିବା ପରେ ସେ ସମସ୍ତ ପୀଡ଼ିତଙ୍କ ପାଦ ଛୁଇଁ କ୍ଷମା ମଧ୍ୟ ମାଗିଥାଏ। ରାମ ସ୍ୱରୂପ ବିବାହିତ ହୋଇଥିବା ବେଳେ ତାର ୩ଟି ପିଲା ରହିଛନ୍ତି। କିନ୍ତୁ ସେ ସମଲିଙ୍ଗୀ ହୋଇଥିବାରୁ ତାକୁ ପରିବାର ଲୋକ ୨ ବର୍ଷ ତଳୁ ଘରୁ ବାହାର କରି ଦେଇଥିଲେ।

## ବାଂଲାଦେଶକୁ ଆମେରିକାର କଡ଼ା ଚେତାବନୀ
# 'ସବୁ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷା ଦିଅ'

ନୂଆଦିଲ୍ଲୀ, ୨୫।୧୨ : ବାଂଲାଦେଶକୁ ଆମେରିକାର କଡ଼ା ଚେତାବନୀୟ ସବୁ ଧର୍ମ, ସବୁ ସଂପ୍ରଦାୟର ଲୋକଙ୍କୁ ସୁରକ୍ଷା ଦିଅ । ସମସ୍ତଙ୍କ ଅଧିକାରକୁ ସୁରକ୍ଷା ଦିଅ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ କାହାରି ମାନବିକ ଅଧିକାର କ୍ଷୁର୍ଣ୍ଣ ନ ହେଉ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ବାଂଲାଦେଶକୁ କୁହାଯାଇଛି । ଶେଖ ହସିନା ସରକାରଙ୍କ ପତନ ପରେ ବାଂଲାଦେଶରେ ଲାଗି ରହିଛି ଅରାଜକତା । ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଉଛି । କେବଳ ଯେ ଦଙ୍ଗାକାରୀମାନେ ଏପରି କରୁଛନ୍ତି, ତାହା ନୁହେଁ ସରକାରୀ ସ୍ତରରେ ବି ପୋଲିସ ଓ ଅନ୍ୟ ସଂସ୍ଥା ହିନ୍ଦୁମାନଙ୍କୁ ଟାର୍ଗେଟ କରୁଛନ୍ତି । ଏହାକୁ ନେଇ ସାରା ବିଶ୍ୱରେ ବିଶେଷ କରି ପଡ଼ୋଶୀ ଭାରତରେ ଉଦବେଗ ପ୍ରକାଶ ପାଇଛି । କିଛି ଦିନ ତଳେ ଇସ୍କନର ବଡ଼ ବଡ଼ ସନ୍ଥଙ୍କୁ ବିନା କାରଣରେ ଗିରଫ କରି ଜେଲରେ ରଖାଯାଇଛି । ଏପରିକି ସେମାନଙ୍କ ପାଇଁ ମାମଲା ଲଢ଼ିବାକୁ ଓକିଲମାନେ ବି ରାଜି ହେଉ ନାହାନ୍ତି। କେବଳ ଏତିକି ନୁହେଁ, ହିନ୍ଦୁମାନଙ୍କ ସହିତ ବୌଦ୍ଧ, ଶିଖ, ଖ୍ରୀଷ୍ଟିଆ।ନ ବି ଆ।କ୍ରୋଶର ଶିକାର ହେଉଛନ୍ତି । ମନ୍ଦିର ଭାଙ୍ଗିବା ସହ ମୂର୍ତ୍ତି ଭାଙ୍ଗିଛନ୍ତି ଦୁର୍ବୃତ୍ତ। ବିଭିନ୍ନ ଧର୍ମପୀଠକୁ ବି ଟାର୍ଗେଟ କରାଯାଉଛି । ଏସବୁ ବନ୍ଦ କରାଯାଉ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କୁ କହିଛନ୍ତି ହ୍ୱାଇଟ୍ ହାଉସର ମୁଖପାତ୍ର ସୁଲିଭାନ । ବାଂଲାଦେଶ ଉପରେ ଆମେରିକା ତୀକ୍ଷଣ ନଜର ରଖିଛି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ।

# ଆପ ଓ ବିଜେପି ପାଇଁ କଂଗ୍ରେସ ଜାରି କଲା 'ମୌକା ମୌକା ହର ବାର ଧୋକା' ବହି

ନୂଆଦିଲ୍ଲୀ, ୨୫।୧୨ : ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି କଂଗ୍ରେସ ପକ୍ଷରୁ 'ମୌକା ମୌକା ହର ବାର ଧୋକା' ଶୀର୍ଷକ ଗୋଟିଏ ବହି ଜାରି କରାଯାଇଛି । ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ, ଦଳର ନେତା ଅଜୟ ମାକେନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଉଭୟ ବିଜେପି ଓ ଆପକୁ କଟାକ୍ଷ କରି ବହିକୁ ସାର୍ବଜନୀନ କରାଯାଇଛି । ଦିଲ୍ଲୀ ପାଇଁ ବିଜେପି ଓ ଆପ୍ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବାରମ୍ବାର ବିଫଳ ହୋଇଥିବାରୁ କଂଗ୍ରେସ ମୌକା ମୌକା ହର ବାର ଧୋକା ବହି ରିଲିଜ କରିଥିବା କହିଛି । ଦିଲ୍ଲୀ ପାଇଁ ଚିନ୍ତା ପ୍ରକଟ କରି ଦେବେନ୍ଦ୍ର ଯାଦବ କହିଛନ୍ତି, ବିଗତ ୧୧ ବର୍ଷ ହେଲା ଆପ୍ ଏଠାରେ କ୍ଷମତାରେ ରହିଛି । ସେହିପରି ୧୦ ବର୍ଷରୁ ଅଧିକ ସମୟ ହେଲାଣି ବିଜେପି କେନ୍ଦ୍ରରେ ରହିଛି । ଏହି ଦୁଇ ସରକାରଙ୍କୁ ଚୟନ କରିବା ବେଳେ ଦିଲ୍ଲୀବାସୀ ଅନେକ ଆଶା ରଖିଥିଲେ । ହେଲେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଲୋକଙ୍କୁ କେବଳ ଧୋକା ମିଳିଛି। ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ସହ ଆଉ କିଛି ବି ମିଳିନାହିଁ ବୋଲି ସେ କହିଛନ୍ତି । ଶୀଲା ଦୀକ୍ଷିତ ୧୫ ବର୍ଷ ଧରି ଦିଲ୍ଲୀରେ କଂଗ୍ରେସ ସରକାର ଚଳାଇଥିଲେ । ଏହି ସମୟରେ କ'ଣ



ସବୁ ବିକାଶ ହୋଇଥିଲା, ସେକଥା ମଧ୍ୟ ଦେବେନ୍ଦ୍ର ଯାଦବ ଆଜି କହିଛନ୍ତି । ଭିତ୍ତିଭୂମି ଠାରୁ ଆରମ୍ଭ କରି ପରିବେଶର ସୁରକ୍ଷା, ମହିଳା ସଶକ୍ତୀକରଣ, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ କଲ୍ୟାଣ ଯୋଜନା ଓ ଆର୍ଥିକ ପଛୁଆ ବର୍ଗର ଲୋକଙ୍କ ପାଇଁ ରନ୍ଧନ ଗ୍ୟାସ ଓ ରାସନ କାର୍ଡର ବ୍ୟବସ୍ଥା କଂଗ୍ରେସ ସରକାର ସମୟରେ ହୋଇଥିଲା ବୋଲି ଯାଦବ କହିଛନ୍ତି ।

# ବାଇଡେନଙ୍କ ମୃତ୍ୟୁଦଣ୍ଡ କୋହଳ ନିଷ୍ପତ୍ତିରେ ଖୁସି ନୁହଁନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୨୫।୧୨ : ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୃତ୍ୟୁଦଣ୍ଡକୁ ନେଇ ଏକ ବଡ଼ ବିବୃତ୍ତି ଦେଇଛନ୍ତି । ବାଇଡେନ ୩୭ ଜଣ କଏଦୀଙ୍କ ମୃତ୍ୟୁଦଣ୍ଡକୁ କ୍ଷମା କରିବା ପରେ ଟ୍ରମ୍ପଙ୍କ ଏହି ବିବୃତ୍ତି ଆସିଛି । ଏଥିରେ କୌଣସି ବିନମ୍ରତା ରହିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି । ସୂଚନାଥାଉକି ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ଅଧିକାଂଶ କଏଦୀଙ୍କ ଦଣ୍ଡକୁ କୋହଳ



କରିଦେଇଛନ୍ତି । ସୋମବାର ଦିନ ବାଇଡେନଙ୍କ ନିଷ୍ପତ୍ତିକୁ ଟ୍ରମ୍ପ ସମାଲୋଚନା କରିଛନ୍ତି, ଯେଉଁଥିରେ ବାଇଡେନ ମୃତ୍ୟୁଦଣ୍ଡ ପାଇଥିବା ୪୦ ଜଣ କଏଦୀଙ୍କ ମଧ୍ୟରୁ ୩୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ବାଇଡେନଙ୍କ ନିଷ୍ପତ୍ତି ବୁଝାମଣାରେ ହୋଇନାହିଁ ଏବଂ ଏହା ପୀଡିତଙ୍କ ପରିବାର ପ୍ରତି ଅପମାନ । ସୋସିଆଲ ମିଡିଆରେ ସେ କହିଛନ୍ତି ଯେ ଜୋ ବାଇଡେନ ଆମ ଦେଶର ୩୭ ଜଣ ହତ୍ୟାକାରୀଙ୍କ ମୃତ୍ୟୁଦଣ୍ଡକୁ ପରିବର୍ତ୍ତନ କରିଛନ୍ତି । ଏହା ଦ୍ୱାରା ପୀଡିତଙ୍କ ସମ୍ପର୍କୀୟ ଏବଂ ବନ୍ଧୁମାନେ ଆହୁରି ଦୁଖିତ ହୋଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ କ୍ଷମତା ଗ୍ରହଣ କରିବା ପରେ ସେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବାକୁ ନ୍ୟାୟ ବିଭାଗକୁ ନିର୍ଦ୍ଦେଶ ଦେବେ । ବଳାତ୍କାରୀ, ହତ୍ୟାକାରୀ ଏବଂ ବଡ଼ ଅପରାଧ ମାମଲାରେ ସେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

# ସଂସଦ ନିକଟରେ ନିଜକୁ ଜାଳି ଦେଲେ

ନୂଆଦିଲ୍ଲୀ, ୨୫।୧୨ : ଦେଶର ରାଜଧାନୀ ଦିଲ୍ଲୀରେ ଥିବା ସଂସଦ ନିକଟରେ ଜଣେ ବ୍ୟକ୍ତି ଆ।ତ୍ମାହୁତି ଉଦ୍ୟମ କରିଛନ୍ତି। ଉତ୍ତର ପ୍ରଦେଶର ବାଗପତରେ ରହୁଥିବା ଜିତେନ୍ଦ୍ର ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି ।ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଘଟଣା ସ୍ଥଳରୁ ପୁଲିସ୍ ଦୁଇ ପୃଷ୍ଠାର ଅଧା ଲେଖା ଚିଠି ଠାବ କରିଛି ।କିନ୍ତୁ ଏଥିରେ ଥିବା ବିଷୟବସ୍ତୁ ସମ୍ପର୍କରେ ଜଣାପଡ଼ି ନାହିଁ। ପୁଲିସ୍ ଘଟଣା ସ୍ଥଳରୁ ପେଟ୍ରୋଲ ଜବତ କରି ଅଧିକ ତଦନ୍ତ କରୁଛି। ପୁଲିସ୍‌ର କହିବା କଥା ଯେ ବ୍ୟକ୍ତି ଜଣଙ୍କ ଭାରତୀୟ ରେଳବାଇର ମୁଖ୍ୟାଳୟ ଅର୍ଥାତ ରେଳ ଭବନ ନିକଟରେ ଥିବା ପାର୍କ ଭିତରେ ପେଟ୍ରୋଲ ଢାଳି ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେ ସଂସଦ ଭବନ ଆ।ଡ଼କୁ ଦୌଡ଼ିଥିଲେ ତେବେ ସେଠାରେ ଥିବା ସୁରକ୍ଷାକର୍ମୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ପଠାଇଛନ୍ତି।

# ଏସିଡ୍ ଆକ୍ରମଣ, ଦୁଷ୍କର୍ମ ପୀଡ଼ିତାଙ୍କଠାରୁ ଚିକିତ୍ସା ଫି' ନେବା ଦଣ୍ଡନୀୟ ଅପରାଧ

ନୂଆଦିଲ୍ଲୀ, ୨୫।୧୨ : ଏସିଡ୍ ଆକ୍ରମଣ, ଦୁଷ୍କର୍ମ ଓ ଯୌନ ହିଂସାର ଶିକାର ହୋଇଥିବା ପୀଡ଼ିତାଙ୍କୁ ନେଇ ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ରାୟ । ଏମାନଙ୍କ ଠାରୁ ଚିକିତ୍ସା ଫି' ନେବା ଏକ ଦଣ୍ଡନୀୟ ଅପରାଧ । ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ଯୋଗାଇବାକୁ ହସ୍ପିଟାଲ ବାଧ୍ୟ । ମାଗଣା ଚିକିତ୍ସା ପାଇଁ କେଣସି ସରକାରୀ ବା ଘରୋଇ ହସ୍ପିଟାଲ୍ ଅବା ନର୍ସିଂହୋମ୍ ମନା କରିପାରିବେ ନାହିଁ । ଏସିଡ୍ ଆକ୍ରମଣ, ଦୁଷ୍କର୍ମ ପୀଡ଼ିତା ଓ ଯୌନ ହିଂସାର ଶିକାର ହୋଇଥିବା ମାଗଣା ଚିକିତ୍ସା ପାଇବାର ହକଦାର । ସମସ୍ତ ଡାକ୍ତର, ପ୍ରଶାସନ, ଅଧିକାରୀ, ନର୍ସ, ପାରାମେଡିକାଲ୍ କର୍ମଚାରୀଙ୍କୁ ଏ ବିଷୟରେ ଅବଗତ କରାଯିବା ଉଚିତ୍ । ଏଭଳି କିଛି ନିର୍ଦ୍ଦେଶ ଜାରି କରିଛନ୍ତି ଦିଲ୍ଲୀ ହାଇକୋର୍ଟ । ପୀଡ଼ିତାମାନଙ୍କୁ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକ ପ୍ରାଥମିକ ଚିକିତ୍ସା, ନିଦାନ, ଲାବରେଟୋରି ପରୀକ୍ଷା, ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର, ଶାରୀରିକ ଓ ମାନସିକ ପରାମର୍ଶ ସେବା,




ମନସ୍ତାତ୍ତ୍ୱିକ ସହାୟତା ଏବଂ ପରିବାର କାଉନ୍ସେଲିଂ ଆଦି ସମସ୍ତ ଚିକିତ୍ସା ଯୋଗାଇଦେବେ । ଜଷ୍ଟିସ୍ ପ୍ରତିଭା ଏମ୍ ସିଂହ ଓ ଜଷ୍ଟିସ୍ ଅମିତ ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ବାପା ଦୁଷ୍କର୍ମ କରିଥିବା ମାମଲାରେ ସୋମବାର ଏକାଧିକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅଦାଲତ ଓ ଦିଲ୍ଲୀ ରାଜ୍ୟ ଆଇନ ସେବା ପ୍ରାଧିକରଣର ବାରମ୍ବାର ହସ୍ତକ୍ଷେପ ସତ୍ତ୍ୱେ ନିଜ ବାପାଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ଜଣେ ପୀଡ଼ିତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅପେକ୍ଷା କରିବାକୁ ପଡ଼ିଥିଲା । ଏହି ମାମଲାର ଶୁଣାଣି ବେଳେ ଦୁଷ୍କର୍ମ ପୀଡ଼ିତା, ପୋକ୍ସୋ ମାମଲାର ପୀଡ଼ିତା ତଥା ଯୌନ ନିର୍ଯାତନାର ଶିକାର ହୋଇଥିବା ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ସମସ୍ତ ଡାକ୍ତରଖାନା, ନର୍ସିଂହୋମ୍, କ୍ଲିନିକ୍, ମେଡିକାଲ୍ ସେଣ୍ଟରର ଦାୟିତ୍ୱ ବୋଲି କୋର୍ଟ କହିଛନ୍ତି । ଡାକ୍ତରଖାନାଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶାବଳି ଜାରି କରିଛନ୍ତି ଦିଲ୍ଲୀ ହାଇକୋର୍ଟ । ଅଦାଲତ କହିଛନ୍ତି ଯେ, ଦିଲ୍ଲୀର ପ୍ରତ୍ୟେକ ଚିକିତ୍ସା କେନ୍ଦ୍ରରେ ଯୌନ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଏସିଡ୍ ଆକ୍ରମଣର ପୀଡ଼ିତାଙ୍କ ପାଇଁ ମାଗଣାରେ ଚିକିତ୍ସା ଉପଲବ୍ଧ ଅଛି ବୋଲି ହସ୍ପିଟାଲରେ ଏକ ବୋର୍ଡ ଲଗାଇବାକୁ ପଡ଼ିବ । ରୋଗୀ ଆବଶ୍ୟକତା ଅନୁଯାୟୀ ହସ୍ପିଟାଲରେ ଆଡମିସନ ନେଇ ଚିକିତ୍ସିତ ହେଉ ବା ବାହାରୁ ଆସି ଚିକିତ୍ସିତ ହେଉ ନା କାହିଁକି ଉଭୟ ପରିସ୍ଥିତିରେ ହସ୍ପିଟାଲଗୁଡ଼ିକ ମାଗଣା ଚିକିତ୍ସା ପ୍ରଦାନ କରିବେ । ଜରୁରିକାଳୀନ ପରିସ୍ଥିତିରେ ପୀଡ଼ିତାଙ୍କୁ ଭର୍ତ୍ତି କରିବା ପାଇଁ ସମ୍ପୃକ୍ତ ମେଡିକାଲ ପ୍ରତିଷ୍ଠାନ ପରିଚୟପତ୍ର ଉପରେ ଜୋର ଦେବେ ନାହିଁ ବୋଲି କୋର୍ଟ କହିଛନ୍ତି । ଏଥିସହ ଏଭଳି ପୀଡ଼ିତାଙ୍କୁ ଶାରୀରିକ ଓ ମାନସିକ ପରାମର୍ଶ ପ୍ରଦାନ କରାଯିବ । ଗର୍ଭାବସ୍ଥା ପାଇଁ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ସ୍ଥଳେ ଗର୍ଭନିରୋଧକ ପ୍ରଦାନ କରାଯିବ । ଜରୁରିକାଳୀନ ପରିସ୍ଥିତିରେ ପୀଡ଼ିତାଙ୍କୁ ଭର୍ତ୍ତି କରିବା ପାଇଁ ସମ୍ପୃକ୍ତ ମେଡିକାଲ ପ୍ରତିଷ୍ଠାନ ପରିଚୟପତ୍ର ଉପରେ ଜୋର ଦେବେ ନାହିଁ ବୋଲି କୋର୍ଟ କହିଛନ୍ତି ।

# ବ୍ୟାନର-ପୋଷ୍ଟର ୱାର୍: ଫଡନାଭିସଙ୍କୁ ଚିଠି ଲେଖିଲେ ଆଦିତ୍ୟ

ମୁମ୍ବାଇ, ୨୫।୧୨: ଗତ ପାଞ୍ଚ ବର୍ଷ ମଧ୍ୟରେ ମହାରାଷ୍ଟ୍ର ରାଜନୀତିରେ ରାଜନୈତିକ ଅସ୍ଥିରତା ପରେ ରାଜନୈତିକ ଦଳମାନଙ୍କ ମଧ୍ୟରେ 'ପୋଷ୍ଟର ୱାର'ର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ହଜାର ହଜାର ରାଜନୈତିକ ପୋଷ୍ଟର ଦେଖିବାକୁ ମିଳୁଛି। ବିଶେଷ କରି ମୁମ୍ବାଇ ଏମଏମଆରରେ ଏହାର ସଂଖ୍ୟା ବହୁ ଅଧିକ ରହିଛି। ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବା ଏହି ପୋଷ୍ଟରଗୁଡିକ ମଧ୍ୟରୁ କେତେକ ଆଇନଗତ ହୋଇଥିବାବେଳେ ଅଧିକାଂଶ ବେଆଇନ । ଶିବସେନା ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ନେତା ତଥା ବିଧାୟକ ଆଦିତ୍ୟ ଠାକରେ ସହରକୁ ଅସୁନ୍ଦର କରୁଥିବା ଏହି ପୋଷ୍ଟର ଉପରେ କଟକଣା ଲଗାଇବାକୁ ଦାବି କରି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କୁ ଚିଠି ଲେଖିଛନ୍ତି । ବେଆଇନ ପୋଷ୍ଟର, ବ୍ୟାନର ଏବଂ ହୋର୍ଡିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିତ୍ୟ ଚିଠି ଲେଖିଛନ୍ତି ।

ଚିଠିରେ ଆଦିତ୍ୟ ଲେଖିଛନ୍ତି ଯେ, ଜଣେ ନାଗରିକ ଭାବରେ ମୁଁ ସହରକୁ ଅସୁନ୍ଦର କରୁଥିବା ଏଭଳି ପୋଷ୍ଟର ନେଇ ଦୁଃଖ ଅନୁଭବ କରୁଛି । ବେଆ।ଇନ ପୋଷ୍ଟର ଏବଂ ହୋର୍ଡିଂକୁ ନିୟନ୍ତ୍ରଣ କରି ସହରକୁ ବହୁ ପରିମାଣରେ ଅପରିଷ୍କାରରୁ ରକ୍ଷା କରାଯାଇପାରିବ । ଏହି ଦିଗରେ ପଦକ୍ଷେପ ନେବାକୁ ଆଦିତ୍ୟ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି । ଏହି କାର୍ଯ୍ୟରେ ଆମ ଦଳ ଆପଣଙ୍କ ସହ ମିଳିତ ଭାବେ ଛିଡ଼ା ହୋଇଥିବା ଆଦିତ୍ୟ ସୂଚିତ କରିଛନ୍ତ। ଆଦିତ୍ୟ ଚିଠିରେ ଲେଖିଛନ୍ତି ଯେ ଯଦିଓ ଆପଣ ସରକାରରେ ଅଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଅଟନ୍ତି ଏବଂ ଆମେ ବିରୋଧୀ ଅଟୁ, ତେବେ ଏହି କାର୍ଯ୍ୟଗୁଡ଼ିକ ଉପରେ ଆମେ ଏକାଠି କାମ କରିବା ଉଚିତ୍ । ମୁଁ ଆପଣଙ୍କୁ ଏହି ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରୁଛି । ଏହି ଦିଗରେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବାକୁ ସେ ସମସ୍ତ ରାଜନୈତିକ ଦଳକୁ ନିବେଦନ କରିଛନ୍ତି । ସେ ଲେଖିଛନ୍ତି, ଯଦି ସମସ୍ତ ରାଜନୈତିକ ଦଳ ବେଆଇନ ପୋଷ୍ଟର, ବ୍ୟାନର ଏବଂ ହୋର୍ଡିଂ ନ ଲଗାଇବାକୁ ନିଷ୍ପତ୍ତି ନେବେ, ତେବେ ଏହା ନାଗରିକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ । ଆଦିତ୍ୟ ଆହୁରି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ସମସ୍ତ ଦଳର ବୈଠକ ଡାକନ୍ତି, ତେବେ ମୁଁ ଏବଂ ମୋର ଦଳ ଆପଣଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ।

# ୟୁକ୍ରେନ ଉପରେ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କଲା ରୁଷିଆ

କିଭ୍, ୨୫।୧୨: ବଡ଼ଦିନ, ଡିସେମ୍ବର ୨୫ରେ ରୁଷିଆ ପକ୍ଷରୁ ୟୁକ୍ରେନ ଉପରେ ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରାଯାଇଛି । କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ୟୁକ୍ରେନର ବିଭିନ୍ନ ସହରକୁ ଟାର୍ଗେଟ କରାଯାଇଛି । ରୁଷିଆର ଆକ୍ରମଣ ୟୁକ୍ରେନର ଉତ୍ତର-ପୂର୍ବ ସହର ଖାର୍କିଭରେ ସର୍ବାଧିକ କ୍ଷତି ଘଟାଇଛି । ଖାର୍କିଭ ମେୟର ଟେଲିଗ୍ରାମରେ ଲେଖିଛନ୍ତି, ସହରରେ ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି ।



ଅନେକ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବେ ମଧ୍ୟ ସହର ଆଡକୁ ଗତି କରୁଛି ବୋଲି ସେ କହିଛନ୍ତି । ଆଞ୍ଚଳିକ ଗଭର୍ଣ୍ଣର ଓଲେହ ସିନିହୁବୋଭ କହିଛନ୍ତି ଯେ, ସେ ରୁଷିଆ ପକ୍ଷରୁ ସାତୋଟି ଆକ୍ରମଣ ହୋଇଥିବା ଗଣନା କରିଛନ୍ତି । ଆକ୍ରମଣ ଯୋଗୁ ଆହତଙ୍କ ସଂଖ୍ୟା ମଧ୍ୟ ଆକଳନ କରାଯାଉଛି । ଏହାପୂର୍ବରୁ, ୟୁକ୍ରେନ ବାୟୁସେନା ରିପୋର୍ଟ କରିଥିଲା ଯେ, ରୁଷିଆର ଟିୟୁ-୯୫ ବୋମା ବର୍ଷଣକାରୀ ଯୁଦ୍ଧ ବିମାନ ରାତିରେ ଉଡ଼ି ବୋମାମାଡ଼ କରିଥିଲା । ଏହା ପରେ ଘୋଷଣା କରାଯାଇଥିଲା ଯେ, କୃଷ୍ଣସାଗରରୁ କାଲିବର କ୍ରୁଜ୍ କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଛି । ତେବେ ପ୍ରଥମେ କ୍ଷେପଣାସ୍ତ୍ର କେଉଁ ଆଡେ ଯାଉଥିଲା ତାହା ଜଣା ପଡି ନ ଥିଲା । ଏହି ଆକ୍ରମଣରେ ଅଗ୍ନିକାଣ୍ଡ ଘଟି ସାଧାରଣ ନାଗରିକଙ୍କ ଘର ନଷ୍ଟ ହୋଇଯାଇଥିବା ରାଜ୍ୟପାଳ ସିନିହୁବୋଭ ସୂଚନା ଦେଇଛନ୍ତି । ଦୁଇ ଜଣ ଲୋକ ଆହତ ହୋଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସେ କହିଛନ୍ତି । ଖାର୍କିଭ୍ ସହର ରୁଷିଆ ସୀମାଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଅବସ୍ଥିତ । ପ୍ରାୟ ତିନି ବର୍ଷ ଧରି ଚାଲିଆସୁଥିବା ଯୁଦ୍ଧ ସମୟରେ ଏହା କ୍ରମାଗତ ଏୟାର ଷ୍ଟ୍ରାଇକର ସମ୍ମୁଖୀନ ହେଉଛି । ରୁଷିଆ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଭିତରେ ବିଭିନ୍ନ ଅଞ୍ଚଳ ଦଖଲ କରି ନିୟନ୍ତ୍ରଣ ବୃଦ୍ଧି କରିଛି । ଆମେରିକାରେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯଥାସମ୍ଭବ ୟୁକ୍ରେନ ଅଞ୍ଚଳକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ଏହାପୂର୍ବରୁ, ଖାର୍କିଭ୍ ମେୟର ଖ୍ରୀଷ୍ଟମାସ ଅବସରରେ ଘୋଷଣା କରିଥିଲେ ଯେ, ଫେବୃଆରୀ ୨୦୨୨ରେ ରୁଷିଆ। ଆକ୍ରମଣ ପରେ ପ୍ରଥମ ଥର ପାଇଁ ସହରକୁ ଆଲୋକରେ ସଜାଯିବ । କିଛି ଦିନ ପୂର୍ବରୁ, ଡିସେମ୍ବର ୨୦ରେ, ରୁଷିଆ କିଭରେ ପାଞ୍ଚଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଏହି କାରଣରୁ ଏକ ଅଟ୍ଟାଳିକାରେ ନିଆଁ ଲାଗିଯାଇ ଅନେକ ଲୋକ ଆହତ ହୋଇଥିଲେ । ଅନେକ ବିଦେଶୀ ଦୂତାବାସ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା ।

# 'ଅତିଶୀଙ୍କୁ ଗିରଫ କରିବାକୁ ଚାଲିଛି ଷଡ଼ଯନ୍ତ୍ର'

ନୂଆଦିଲ୍ଲୀ, ୨୫।୧୨ : ଦିଲ୍ଲୀରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଉତ୍ତେଜନା ବଢିବାରେ ଲାଗିଛି । ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ଦୁଇଟି ଯୋଜନା, ଅର୍ଥାତ ମହିଳା ସମ୍ମାନ ଯୋଜନା ଏବଂ ସଞ୍ଜୀବନୀ ସ୍ୱାସ୍ଥ୍ୟ ଯୋଜନା ସମ୍ବନ୍ଧରେ ପଞ୍ଜୀକରଣ ପ୍ରସଙ୍ଗରେ ଦିଆଯାଇଥିବା ପରାମର୍ଶ ଯୋଗୁଁ ଏକ ନୂତନ ବିବାଦ ଉପୁଜିଛି । ଏହାରି ଭିତରେ ଅରବିନ୍ଦ କେଜ୍ରିୱାଲ ସିଏମ୍ ଅତିଶୀଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ କରି ସିଏମ୍ ଅତିଶୀଙ୍କୁ ଗିରଫ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଦାବି କରିଛନ୍ତି ।





ସୂଚନାଥାଉକି, ଆପର ଯୋଜନାକୁ ନେଇ ବିବାଦ ମଧ୍ୟରେ ଅରବିନ୍ଦ କେଜ୍ରିୱାଲ ଦାବି କରିଛନ୍ତି ଯେ ଅତିଶୀଙ୍କୁ ଗିରଫ କରିବା ପାଇଁ ପରିବହନ ବିଭାଗରେ ଏକ ନକଲି ମାମଲା ପ୍ରସ୍ତୁତ କରାଯାଉଛି । ଏହା ପରେ ସିବିଆଇ କିମ୍ବା ଇଡି ମାଧ୍ୟମରେ ଅତିଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଆମ୍ ଆଦମୀ ପାର୍ଟି ଏକ ବଡ଼ ଦାବି କରି କହିଛି ଯେ ସିବିଆଇ-ଇଡି ଏବଂ ଇନକମ ଟ୍ୟାକ୍ସକୁ ଦିଲ୍ଲୀ ସିଏମ ଅତିଶୀଙ୍କୁ ଗିରଫ କରିପାରେ ।

କେଜ୍ରିୱାଲ କହିଛନ୍ତି ଯେ ଆମ ସୂତ୍ରରୁ ଆମେ ଜାଣିଛୁ ଯେ ପରିବହନ ବିଭାଗରେ ଅତିଶୀଙ୍କ ବିରୋଧରେ ଏକ ନକଲି ମାମଲା ରୁଜୁ ହୋଇଛି । କେଜ୍ରିୱାଲ କହିଛନ୍ତି ଯେ ତାଙ୍କ ଏବଂ ଅନ୍ୟ ଆପ୍ ନେତାଙ୍କ ଘରେ ଚାଉ କରାଯାଇପାରେ । ଏହି କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି ଆମ୍ ଆଦମୀ ପାର୍ଟିର ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା । ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଦିଲ୍ଲୀର ଲୋକଙ୍କ ବିରୋଧରେ ବିଜେପି କିପରି ଷଡ଼ଯନ୍ତ୍ର କରିଛି ତାହା ଆମେ ଜାଣୁ । ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ମାଧ୍ୟମରେ ଦିଲ୍ଲୀ ସରକାରଙ୍କ କାର୍ଯ୍ୟକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଛି । ଯେତେବେଳେ ଆପ୍ ସରକାରକୁ ରୋକିବା ପାଇଁ ବିଜେପିର ସମସ୍ତ ଷଡ଼ଯନ୍ତ୍ର ବିଫଳ ହେଲା, ସେତେବେଳେ ସେମାନେ ଦଳର ବରିଷ୍ଠ ନେତୃତ୍ୱଙ୍କୁ ଗିରଫ କରିବା ଆରମ୍ଭ କଲେ । କେଜ୍ରିୱାଲ କହିଛନ୍ତି ଯେ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ସତ୍ୟେନ୍ଦ୍ର ଜୈନ ଏବଂ ମନୀଷ ସିସୋଦିଆ।ଙ୍କୁ ଗିରଫ କରିଛନ୍ତି। ଏହା ସତ୍ତ୍ୱେ ସେମାନେ ଆପ୍ ସରକାରଙ୍କ କାର୍ଯ୍ୟକୁ ବନ୍ଦ କରି ପାରିନଥିଲେ । ଏହାରି ଭିତରେ ସିଏମ୍ ଅତିଶୀ ମଧ୍ୟ ବିଜେପି ବିରୋଧରେ ବଡ଼ ଅଭିଯୋଗ ଆଣି ତାଙ୍କ ଗିରଫଦାରୀକୁ ଦେଖାଇଦେଇଛନ୍ତି । ପରିବହନ ବିଭାଗ ସହ ଜଡ଼ିତ ମୋ ବିରୋଧରେ ଏକ ଜାଲ୍ ମାମଲା ରୁଜୁ ହୋଇଛି ବୋଲି ସିଏମ୍ ଆ।ତିଶୀ କହିଛନ୍ତି । ଏହାର ପରିଣାମକୁ ସାମ୍ନା କରିବାକୁ ମୁଁ ପ୍ରସ୍ତୁତ ଅଛି। ମୁଁ ଆଇନ ଉପରେ ବିଶ୍ୱାସ ରଖିଛି । ମୋର ବିଶ୍ୱାସ ଅଛି ଯେ ଯଦି ମୋତେ ଗିରଫ କରାଯାଏ ତେବେ ମୁଁ ଜାମିନ ପାଇବି । ବିଜେପି ଦିଲ୍ଲୀର କାମ ବନ୍ଦ କରିବାକୁ ଚାହୁଁଛି, କିନ୍ତୁ ଦିଲ୍ଲୀର ଲୋକମାନେ ଆପଣଙ୍କ ଏଜେଣ୍ଡା ବିଷୟରେ ଅବଗତ ଅଛନ୍ତି ଏବଂ ଏହାର ଜବାବ ମଧ୍ୟ ଦେବେ ବୋଲି କହିଛନ୍ତି ଅତିଶୀ ।

## ଜେଲେନସ୍କିଙ୍କ ବଡ଼ ଦାବି
# ଋଷ ତରଫରୁ ଲଢୁଥିବା ଉତ୍ତରକୋରିଆର ୩ ହଜାର ସୈନ୍ୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୫।୧୨: ଋଷ ଓ ୟୁକ୍ରେନ ମଧ୍ୟରେ ପାଖାପାଖି ୩୪ ମାସ ହେବ ଲଗାତର ଯୁଦ୍ଧ ଲାଗି ରହିଛି । ଏହାରି ଭିତରେ ଉଭୟ ଦେଶର ହଜାର ହଜାର ସୈନ୍ୟଙ୍କ ମୃତ୍ୟୁ ହେବା ସହ ହଜାର ହଜାର କୋଟି ଟଙ୍କାର ଜାତୀୟ ଓ ଘରୋଇ ସମ୍ପତ୍ତି ନଷ୍ଟ ହୋଇଛି । ହେଲେ ଯୁଦ୍ଧରେ ଏବେ ଋଷ ଉପରେ ୟୁକ୍ରେନ ଭାରି ପଡିବା ଭଳି ଲାଗୁଛି । ରକେଟ ଆକ୍ରମଣ କରି ୟୁକ୍ରେନ ଯେଭଳି ଭାବେ ଋଷର ବଡ଼ ବଡ଼ କୋଠାକୁ ଧ୍ୱଂସ କରିଦେଲା ସେଥିରୁ ଅନୁମାନ କରାଯାଇପାରେ ଯେ, ନାଟୋ ଓ ଅନ୍ୟ କିଛି ଦେଶ ୟୁକ୍ରେନକୁ ସହାୟତାରେ କରିବାରେ ଲାଗିଛନ୍ତି । ହେଲେ ଏବେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କିଙ୍କ ବୟାନ ପୁଣି ଏକ ନୂଆ ଯୁଦ୍ଧକୁ ଜନ୍ମ ଦେଇଛି । ଜେଲେନସ୍କି ତାଙ୍କ ବୟାନରେ



କହିଛନ୍ତି କି, ଋଷ ତରଫରୁ ଯୁଦ୍ଧ ଲଢୁଥିବା ଉତ୍ତରକୋରିଆରର ସେନାଙ୍କ ମଧ୍ୟରୁ ୩ ହଜାର ସୈନିକଙ୍କର ମୃତ୍ୟୁ ହୋଇଛି । ଜେଲେନସ୍କି ଆଶା କରିଛନ୍ତି କି, ଏବେ ପୁଣି ଉତ୍ତରକୋରିଆ ଋଷକୁ କିଛି ସେନା ଓ ଯୁଦ୍ଧାସ୍ତ୍ର ପଠାଇପାରେ । ଜେଲେନସ୍କି କହିଛନ୍ତି କି, ଯେଭଳି ଭାବେ ଉତ୍ତରକୋରିଆ ଋଷକୁ ସହାୟତା କରୁଛି ତାହା ସାରା ବିଶ୍ୱ ଦେଖୁଛି । ହେଲେ ଦକ୍ଷିଣ କୋରିଆ ସେନା କହିଛି କି ଏହା ସ୍ପଷ୍ଟ ସଂକେତ ଦେଉଛି କି, ଉତ୍ତରକୋରିଆ ସୁଇସାଇଡ ଡ୍ରୋନ ସହିତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ସୈନିକ ଋଷକୁ ପଠାଇବାର ବନ୍ଦୋବସ୍ତ କରୁଛି ।

# ସଂପାଦକୀୟ

## ଅନ୍ଧବିଶ୍ୱାସ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଆଧୁନିକ ଯୁଗରେ ବିଜ୍ଞାନ ଯେତିକି ଯେତିକି ଅଗ୍ରଗତି କରୁଛି, କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମାନ୍ଧତା ସେତିକି ଉଗ୍ରରୂପ ନେଉଛି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି, ଡାଆଣି ସନ୍ଦେହରେ ହତ୍ୟା, ନିର୍ଯ୍ୟାତନା ବୋଲି କୁହାଯାଇପାରିବ। ମିଳିତ ଜାତିସଂଘ ମାନବିକ ଅଧିକାର ପରିଷଦ ପକ୍ଷରୁ ୨୦୨୩ରେ ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଛି, କେବଳ ଭାରତ ନୁହେଁ, ବିଶ୍ୱର ବହୁ ରାଷ୍ଟ୍ର ତଥା ଆଫ୍ରିକା, ପପୁଆ, ନିଉଗୁଇନା କେତେକ ରାଷ୍ଟ୍ରରେ ପ୍ରତିବର୍ଷ ହଜାର ହଜାର ମହିଳା ଡାଆଣୀ ତଥା ଗୁଣିଗାରେଡି ସନ୍ଦେହର ଶିକାର ହେଉଛନ୍ତି। ଗବେଷଣାମୂଳକ ସଂଗଠନ ନିରନ୍ତର ଟ୍ରଷ୍ଟ ପକ୍ଷରୁ ବିହାରରେ ଆଠଜିଲ୍ଲାରେ ୧୧୪ଟି ଗ୍ରାମର ୧୪୫ଜଣ ମହିଳାଙ୍କୁ ନେଇ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ସେମାନଙ୍କ ମଧ୍ୟରୁ ୭୮ ପ୍ରତିଶତ ମାନସିକ ନିର୍ଯ୍ୟାତନାର ଶିକାର ହୋଇଥିବାବେଳେ ୨୩ପ୍ରତିଶତ ଗାଳିଗୁଲଜ ଏବଂ ୨୮ ପ୍ରତିଶତ ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଛନ୍ତି। ଆହୁରି ମଧ୍ୟ ବହୁ ମହିଳାଙ୍କୁ ସର୍ବସମ୍ମୁଖରେ ଉଲଗ୍ନ ବଳପୂର୍ବକ ବିଷ୍ଠା ଖୁଆଇବା ଏବଂ ଲଣ୍ଡା କରାଯାଉଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଡାଆଣି ସନ୍ଦେହରେ ବହୁ ମହିଳାଙ୍କୁ ମଧ୍ୟ ଯୌନ ନିର୍ଯ୍ୟାତନା ଦିଆଯାଇଥିବା ଅଭିଯୋଗ ହୁଏ। ଗୁଣି ଗାରେଡି ସନ୍ଦେହ ଅଭିଯୋଗରେ ବିହାରରେ ୭୫ ହଜାରରୁ ଅଧିକ ମହିଳା ଭୟ ଓ ଧମକରେ ରହିଥିବା କୁହାଯାଏ। ସେହିପରି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟରେ କୁହାଯାଇଛି ଯେ, ଗତ ୨୦୦୦ ମସିହାରୁ ବର୍ତ୍ତମାନ ସୁଦ୍ଧା ଡାଆଣୀ, ଗୁଣିଗାରେଡି ସନ୍ଦେହରେ ଦେଶରେ ୨୫୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ କେବଳ ୨୦୨୨ ମସିହାରେ ୮୫ଜଣ ହତ୍ୟାର ଶିକାର ହୋଇଛନ୍ତି। ଆମ ଦେଶରେ ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଓ ଓଡିଶାର ଏଭଳି ଅର୍ଦ୍ଧାଧିକ ହତ୍ୟାକାଣ୍ଡ ଘଟିଛି। କହିବା ବାହୁଲ୍ୟ ଯେ, ଓଡିଶାରେ ଗୁଣିଗାରେଡି, ଡାଆଣୀ ସନ୍ଦେହରେ ହତ୍ୟା, ନିର୍ଯ୍ୟାତନା କିଛି କମ୍ ନୁହେଁ। ଗତ ୧୦ବର୍ଷ ତଥା ୨୦୧୨ ରୁ ୨୦୨୨ ମଧ୍ୟରେ ରାଜ୍ୟରେ ୬୦୦ ମହିଳାଙ୍କୁ ହତ୍ୟା କରାଯାଇଥିବା ବେଳେ ବହୁ ଶାରୀରିକ, ମାନସିକ ନିର୍ଯ୍ୟାତନା ଓ ସାମାଜିକ ବାସନ୍ଦର ଶିକାର ହୋଇଛନ୍ତି। ଓଡିଶାରେ ୧୨ଟି ଜିଲ୍ଲା ତଥା ମୟୂରଭଞ୍ଜ, ସୁନ୍ଦରଗଡ, ରାୟଗଡା, ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, ବାଲେଶ୍ୱର, କେନ୍ଦୁଝର, ଗଞ୍ଜାମ, ଗଜପତି, କଳାହାଣ୍ଡି ଏବଂ ନୟାଗଡ ଜିଲ୍ଲାରେ ଏଭଳି ଘୃଣ୍ୟ ଘଟଣାମାନ ଦୁର୍ଗମ, ପାହାଡିଆ ଓ ଆଦିବାସୀ ବହୁଳ ଅଂଚଳରେ ଘଟୁଥିବାବେଳେ ପ୍ରତିବର୍ଷ ୫୦ଜଣଙ୍କୁ ଜୀବନ ଯାଉଥିବା ସରକାରୀ ପରିସଂଖ୍ୟାନ କହେ। ଏହି ଜିଲ୍ଲାଗୁଡିକ ମଧ୍ୟରୁ ୬ଟି ଜିଲ୍ଲା ତଥା ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର, ଗଜପତି ଏବଂ ଗଞ୍ଜାମରେ ୮୩ ପ୍ରତିଶତ ଘଟଣା ଘଟୁଥିବା ରିପୋର୍ଟ କହେ। ଏନସିଆର ବି ରିପୋର୍ଟ ଅନୁଯାୟୀ ଏଭଳି କୁସଂସ୍କାର, ଅନ୍ଧବିଶ୍ୱାର ଜନିତ ହତ୍ୟାଘଟଣାରେ ଝାଡଖଣ୍ଡ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି। ଝାଡଖଣ୍ଡ ଓ ଓଡିଶା ବ୍ୟତୀତ ବିହାର, ପଶ୍ଚିମବଙ୍ଗ, ହରିଆନା, ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତରପ୍ରଦେଶ, ଆସାମ, ଛତିଶଗଡ ଓ ମହାରାଷ୍ଟ୍ରରେ ଗୁରିଗାରେଡି ଓ ଡାଆଣୀ ସନ୍ଦେହରେ ହତ୍ୟା, ନିର୍ଯ୍ୟାତନା ଘଟଣାମାନ ଅଧିକ ରହିଛି। ଆଦିବାସୀ, ଦଳିତ ଓ ପଛୁଆବର୍ଗ ଏଭଳି ୯୭ ପ୍ରତିଶତ ମହିଳା ହତ୍ୟା ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ଯେଉଁମାନଙ୍କର ବୟସ ୪୬ରୁ ୬୬ବର୍ଷ ମଧ୍ୟରେ। କୌତୁହଳର ପ୍ରସଙ୍ଗ ଏହା ଯେ, ଆଦିବାସୀ ବହୁଳ ଅଂଚଳରେ ନେତୃତ୍ୱ ନେଉଥିବା ଏବଂ ଆର୍ଥୀକ ସ୍ୱଚ୍ଛଳ ଲାଭ କରିଥିବା ଅଧିକାଂଶ ମହିଳା ଏଭଳି ଅଭିଯୋଗର ସମ୍ମୁଖୀନ ହେଉଥିବା କୁହାଯାଏ। ସେମାନଙ୍କୁ ସେମାନଙ୍କର ସମ୍ପର୍କୀୟ କିମ୍ବା ପଡୋଶୀଙ୍କ ଦ୍ୱାରା ଅଭିଯୋଗରେ ଅଭିଯୁକ୍ତ ହୋଇଥାନ୍ତି। ବିହାରରେ ୮୩ପ୍ରତିଶତ ଅଭିଯୁକ୍ତ ବା ବିପନ୍ନ ମହିଳା ବିବାହିତା କିମ୍ବା ଯୌଥ ପରିବାରର ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆମ ରାଜ୍ୟରେ ଓଡିଶା ପ୍ରିଭେନସନ ଉଇଚ ହଂଟି ଆକ୍ଟ-୨୦୧୩ରେ କଠୋର ଦଣ୍ଡବ୍ୟବସ୍ଥା ରହିଛି। ହେଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁଥିବା ମନେହୁଏ ନାହିଁ। ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଆଇନ ରହିଛି। ଏହା ସତ୍ତ୍ୱେ ଡାଆଣୀ, ଗୁଣିଗାରେଡି ସନ୍ଦେହରେ ହତ୍ୟାକଣ୍ଡ ନିର୍ଯ୍ୟାତନା ବଢିଚାଲିଛି। ବିଶେଷ କରି ବିଧବା, ଦଳିତ, ପଛୁଆବର୍ଗ ମହିଳା ଏହାର ଶିକାର ହେଉଛନ୍ତି। ଏଭଳି କୁସଂସ୍କାର, ଅନ୍ଧବିଶ୍ୱାସର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର କଠୋର ଆଇନ ପ୍ରଣୟନ କରିବା ଉଚିତ। ମହିଳାଙ୍କ ନିରାପତା ପାଇଁ ବହୁ ଆଇନ ରହିଛି। ମାତ୍ର ଡାଆଣୀ ଏବଂ ଗୁଣି ଗାରେଡି ନେଇ ମହିଳାଙ୍କ ପାଇଁ ଜାତୀୟ ସ୍ତରରେ କୌଣସି ଆଇନ ନହେବା କ୍ଷୋଭର ବିଷୟ। ବ୍ୟାପକ ଜନସଚେତନତା ସହ କଠୋର ଆଇନ ଏହି ଅନ୍ଧବିଶ୍ୱାସକୁ ଦୂର କରିପାରିବ।

## ଖ୍ରୀଷ୍ଟିୟ ମନ୍ତ୍ର

**ଗୋପୀନାଥ ଦାଶ**

ବହୁ କାଳରୁ ଖ୍ରୀଷ୍ଟିଧର୍ମାବଲମ୍ବୀମାନେ ଏକ ପ୍ରକାର ମନ୍ତ୍ର ବ୍ୟବହାର କରିଆସୁଛନ୍ତି । ତାହାକୁ କୁହାଯାଏ ମାରାନାଥା । ଏହା ଉଚ୍ଚାରିତ ହୁଏ ଚାରିଥରରେ । ଯଥା : ମା-ରା-ନା-ଥା । ଏହା ହେଉଛି ସେଣ୍ଟ ପଲ୍‌ଙ୍କ ଚୂଡ଼ାନ୍ତ ଶୈକ୍ଷିକ ଶବ୍ଦ, ଯାହା ଖ୍ରୀଷ୍ଟିୟ ବାଇବେଲ୍‌ରେ ରହିଛି । ବାଇବେଲ୍‌ର ସମଗ୍ର ସାରକଥା ହେଉଛି 'ମାରାନାଥା' । ଏହାର ଅର୍ଥ ହେଉଛି; ଆସ ପ୍ରଭୁ । ମାରାନାଥା ମନ୍ତ୍ର ମନ ଭିତରେ ଯେତିକି ବେଗରେ ଉଚ୍ଚାରଣ କଲେ ମଧ୍ୟ କ୍ରମଶଃ ତାହା ଧୀର ହୋଇ ଆସେ । ନିଜକୁ ଏହି ମନ୍ତ୍ରର ଅର୍ଥ ବୁଝିବା ପାଇଁ ଛାଡ଼ି ଦିଆଯାଏ । ତାହା ଯେ କୌଣସି ଆଧ୍ୟାତ୍ମ ବା ଧର୍ମୀୟ ପ୍ରବଣତା ହେଉ ନା କାହିଁକି । ଏହାର ଉଚ୍ଚାରଣ ବେଳେ ପ୍ରକୃତ ପ୍ରଶାନ୍ତିକୁ ଅନୁଭବ କରିହୁଏ, ଯାହା ଶୁଦ୍ଧ ପୁନରାବୃତ୍ତି ମାଧ୍ୟମରେ ଆସିଥାଏ । ଏହି ମନ୍ତ୍ର ଆବୃତ୍ତି ବେଳେ ମନକୁ ସ୍ଥିର ରଖିବାକୁ ପଡ଼େ । ଏହି ମନ୍ତ୍ରକୁ ମନ ଭିତରେ ସମ୍ପୂର୍ଣ୍ଣ ଭାବେ ଆବୃତ୍ତି କରିସାରିଲେ, ଏହା ଶ୍ୱାସକ୍ରିୟାରେ ସୁନ୍ଦର ଭାବେ ସମନ୍ୱୟ ରକ୍ଷା କରେ । ନିରବରେ ମା-ରା-ନା-ଥା ସ୍ମରଣରେ ଅଲଗା ଅଲଗା ଭାବେ ନିଃଶ୍ୱାସରେ ସମନ୍ୱୟ ରହେ । 'ମା' ଉଚ୍ଚାରଣ ନିଃଶ୍ୱାସ ଗ୍ରହଣ ସହ କରିବାକୁ ହୁଏ, ଯେତେବେଳେ କି 'ରା' ନିଃଶ୍ୱାସ ଛାଡ଼ିବା, 'ନା' ନିଃଶ୍ୱାସ ଗ୍ରହଣ ଏବଂ 'ଥା' ନିଃଶ୍ୱାସ ଛାଡ଼ିବା ସହ କରିବାକୁ ପଡ଼ିଥାଏ ।

ଯେତେବେଳେ ଶ୍ୱାସକ୍ରିୟା ସହ ସମନ୍ୱୟ ରଖି ଏହି ମନ୍ତ୍ର ଉଚ୍ଚାରଣ କରାଯାଏ, ସେତେବେଳେ ମନେ ରଖିବାକୁ ହେବ ଯେ ନିଃଶ୍ୱାସ ନିର୍ବିଘ୍ନ, ଧୀର ଏବଂ ଶାନ୍ତ ହେବ । ଶ୍ୱାସପ୍ରକ୍ରିୟା ମଧ୍ୟରେ କୌଣସି ପ୍ରକାର ବିଶ୍ରାମ ବା ବିରତି ରହିବ ନାହିଁ । ମନ୍ତ୍ରର ପ୍ରତିଟି ଶବ୍ଦର ଉଚ୍ଚାରଣ ମନ ଭିତରେ ହିଁ ହେବ । ତାହା କୌଣସି ଭାବେ ଶ୍ୱାସକ୍ରିୟାର ସ୍ୱାଭାବିକତାକୁ ବାଧା ପହଞ୍ଚାଇବ ନାହିଁ । ତାହା ଫୁସ୍‌ଫୁସ୍, କଣ୍ଠ ଏବଂ ନାସାକେନ୍ଦ୍ରରେ ମଧ୍ୟ ବ୍ୟାଘାତ କରିବ ନାହିଁ ଯେପରି । ନିଜର ମନନଶୀଳତାକୁ ଖୁବ୍ ଶାନ୍ତ ଭାବେ ବକ୍ଷସ୍ଥଳରେ ବିଶ୍ରାମ ଦିଅନ୍ତୁ । ପାପୁଲିଏ ସ୍ଥାନରେ ତଳିପେଟର ଠିକ୍ ଉପର ଅଂଶରେ ଯେମିତି ତାହା ହୁଏ । ବୋଧଚେତନା, ଅନୁଭବ ଏବଂ ଶାନ୍ତି ସେଠାରେ ଯେପରି ବିରାଜମାନ ହୁଏ । ମନ୍ତ୍ରର ଅଭ୍ୟାସରେ ଦୃଢ଼ତା ଆଣିବା ପାଇଁ ପ୍ରତ୍ୟେହ ୪୦ ଦିନ କିମ୍ବା ଗୋଟିଏ ବର୍ଷ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଅଭ୍ୟାସରେ ରତ ରହିବାକୁ ହେବ । ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସରେ ଆରମ୍ଭ ଓ ଶେଷ କଲେ ଅତି ଉତ୍ତମ ।

ସେଣ୍ଟ ଥୋମାସ ଇଂଲିଶ ସ୍କୁଲ, ଝାରସୁଗୁଡ଼ା,
E-mail : gopinathdas008@gmail.com

## ହୋମ୍ ୱାର୍କ ଓ ଶିକ୍ଷାର୍ଥୀ

**ଡକ୍ଟର ସୁରେଶ କୁମାର ନାୟକ**

ଶିକ୍ଷା ସମାଜ ବିକାଶର ମୂଳ ଉତ୍ସ। ଯେଉଁ ରାଷ୍ଟ୍ର, ସମାଜ ବା ଗୋଷ୍ଠୀ ଯେତେ ଶିକ୍ଷିତ, ସେ ସେତିକି ବିକଶିତ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ମଣିଷର ମୌଳିକ ଶିକ୍ଷା ତାର ଶୈଶବରୁ ଆରମ୍ଭ ହୋଇଥାଏ। କି ଧନୀ କି ଗରିବ, ପ୍ରତ୍ୟେକ ଅଭିଭାବକ ଚାହେଁ ତାର ସନ୍ତାନ ଉତ୍ତମ ଶିକ୍ଷା ପ୍ରାପ୍ତ କରି ଭବିଷ୍ୟତରେ ଏକ ପ୍ରତିଷ୍ଠିତ ନାଗରିକ ହୋଇ ସମାଜରେ ବଞ୍ଚୁ। ଆମର ଆଦିମ ଶିକ୍ଷା ବ୍ୟବସ୍ଥା ପୁରାତନ କାଳରେ ଋଷି, ମୁନି, ଅବଧାନ, ପଣ୍ଡିତ, ଚାଟଶାଳୀ ବା ଗୁରୁକୁଳରେ ହେଉଥିଲା ଯାହାକି ବର୍ତ୍ତମାନ ଅତ୍ୟାଧୁନିକ କାଳରେ ବିଭିନ୍ନ ନର୍ସରୀ, ଅଙ୍ଗନବାଡ଼ି, ପ୍ଲେ ସ୍କୁଲ ଆଦିରେ ଚାଲୁଛି।



ଶିକ୍ଷାର ଏହି ପ୍ରତିଯୋଗିତା ତଥା ସଫଳତା ଭିତ୍ତିକ ଆବଶ୍ୟକତାରୁ ଆରମ୍ଭ ହୁଏ ହୋମୱାର୍କ ସମ୍ପର୍କିତ ଆଲୋଚନା। ଶିକ୍ଷା କ୍ଷେତ୍ରରେ ହୋମୱାର୍କ ଶବ୍ଦଟିର ପ୍ରଚଳନ ନେଇ ଯଦିଓ ସଠିକ କିଛି ତଥ୍ୟ ନାହିଁ, ତେବେ ପ୍ରାଚୀନ ରୋମରେ ଚସକ୍ଷବଭଙ୍କ ନାମକ ଜଣେ ଶିକ୍ଷକ ସ୍କୁଲ ସାରିବା ପରେ କିଛି ଟାସ୍କ ଦେଉଥିବାର ତଥ୍ୟ ଅଛି। ଇଟାଲୀର Robert Nevilis ୧୯୦୫ ମସିହାରେ ହୋମୱାର୍କ ତତ୍ତ୍ୱର ବ୍ୟବହାର ପାଇଁ ବେଶ ପରିଚିତ। ମାତ୍ର ଐକ୍ଟକ୍ସବମର ଗବଭଭ ହିଁ ଆମେରିକାରେ ଏହାର ବ୍ୟବହାର ଆରମ୍ଭ କରିଥିଲେ। ଏପରିକି ୧୯୩୦ ମସିହାରେ ଏହାକୁ ଶିଶୁ ଶ୍ରମିକ ପ୍ରଥା ଭଳି ମନେ କରାଯାଉଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜ ଦେଶ ଛାତ୍ରଙ୍କୁ ସୋଭିଏତ ଛାତ୍ରଙ୍କ ଠାରୁ ଆଗରେ ରଖିବା ପାଇଁ ଏହାକୁ ଉନ୍ନତ ଶିକ୍ଷାର ଆବଶ୍ୟକତା ଭାବୁଥିଲା। ୧୯୮୬ ମସିହାରେ ଆମେରିକା ସରକାରୀ ଭାବରେ ଏହାକୁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ବୋଲି ସ୍ୱୀକୃତୀ ଦେଇଥିଲା। ପ୍ରାଚୀନ ଭାରତର ଗୁରୁକୁଳକୁ ଅନୁଧ୍ୟାନ କଲେ ଶିକ୍ଷାର ଚାରୋଟି ବିନ୍ଦୁ ପଠନ, ଲିଖନ, ଅନୁଷ୍ଠାନ ଓ ସ୍ୱାଧ୍ୟାୟ। ଏହି ସବୁରେ ବିନା ଗୁରୁରେ ଅଭ୍ୟାସ ଯାହାକୁ ଆଜିକାଲିର ହୋମୱାର୍କର ଏକ ରୂପ ବୋଲି ମଧ୍ୟ ଅନେକେ ମତ ଦିଅନ୍ତି। ସ୍କୁଲର ବିଧିବଦ୍ଧ ସମୟସାରଣୀ ପରେ ଛାତ୍ରଛାତ୍ରୀଙ୍କୁ ଯେଉଁ ସବୁ ବିଷୟବସ୍ତୁ ପଢ଼ିବାକୁ ବା ଲେଖିବାକୁ ପଡ଼େ, ତାକୁ ହୋମୱାର୍କ କୁହାଯାଏ। ପଢ଼ିବା ଓ ଲେଖିବା ଦୁଇଟି ଯାକ ଶବ୍ଦର ରୂପରେଖ ହିଁ ହୋମୱାର୍କର ଭୂମିକାକୁ ସ୍ପଷ୍ଟ କରେ। କ୍ଲାସରୁମ ବାହାରେ ଶିକ୍ଷକ ଦେଉଥିବା ଟାସ୍କକୁ ସାଧାରଣତଃ ଏହି ଶ୍ରେଣୀରେ ଗ୍ରହଣ କରାଯାଇଥାଏ। ଆଜିକାଲି ଏହାକୁ ଶିକ୍ଷାର ଏକ ମୁଖ୍ୟ ଆଧାରଶୀଳା ଭାବରେ ଗଣାଯାଉଛି। କ୍ଲାସରୁମରେ ପଢ଼ା ସରିବା ପରେ ଅଭ୍ୟାସ କରିବା ହେଉ ବା ବୁଝିବା ନିମିତ୍ତ ହେଉ ବା ସେଲ୍ଫ ଷ୍ଟଡି ପାଇଁ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଥାନ୍ତି, ତାଙ୍କୁ ଛାତ୍ରଛାତ୍ରୀ, ଅଭିଭାବକ ହୋମୱାର୍କ ବୋଲି ଭାବନ୍ତି।

ବର୍ତ୍ତମାନର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ହୋମୱାର୍କକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇଥାଏ। ସେମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ କି ନୁହେଁ, ପ୍ରକୃତରେ ଏହାର ଆବଶ୍ୟକତା ରହିଛି କି ନାହିଁ, ଏହାକୁ ନେଇ ସର୍ବଦା ବିତର୍କ ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଭିନ୍ନ ଭିନ୍ନ ମତ ରହିଛି। କେତେକ ପିଲା ଏହାକୁ ବୋଝ ବୋଲି ଭାବିଥାନ୍ତି, ଆଉ କେତେକ ଏହାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି। ତେବେ ଶିକ୍ଷକମାନଙ୍କ ମତ ହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ହୋମୱାର୍କ ବା ଗୃହକାର୍ଯ୍ୟ ଜରୁରୀ। କିନ୍ତୁ ଏମିତି ବି ଅତ୍ୟଧିକ ହୋମୱାର୍କ ଦିଆଯିବା ଉଚିତ ନୁହେଁ, ଯାହା କୋମଳମତି ଛାତ୍ରଛାତ୍ରୀଙ୍କୁ ଆରାମ ଦେବାରେ ଅସୁବିଧା ସୃଷ୍ଟି କରିବ। ଅତ୍ୟଧିକ ହୋମୱାର୍କ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ ନୁହେଁ। ଦୁଇ ଘଣ୍ଟାରୁ ଅଧିକ ହୋମୱାର୍କ ଦିଆଯିବା କ୍ଷତିକାରକ। ହୋମୱାର୍କ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଦିନ ସ୍କୁଲରୁ ଫେରିବା ପରେ ଏହା କରିବାକୁ ଛାତ୍ରଛାତ୍ରୀମାନେ ତତ୍ପର ହୋଇପଡ଼ନ୍ତି। ତେବେ ସୀମିତ ସମୟ ମଧ୍ୟରେ ହୋମୱାର୍କ କରିବାକୁ ପଡୁଥିବାରୁ ସେମାନଙ୍କ ଉପରେ ମାନସିକ ଚାପ ପଡ଼ିଥାଏ। ହୋମୱାର୍କ ଦିଆଯିବା ଉଚିତ, କିନ୍ତୁ ଟିକିଏ କମ। କେତେକ ଅଭିଭାବକ ଓ ଶିକ୍ଷାବିତଙ୍କ ମତ ହେଲା, ହୋମୱାର୍କ ଏଥିପାଇଁ ଦିଆଯାଏ ଯେ, ସ୍କୁଲ ଛୁଟି ପରେ ଛାତ୍ରଛାତ୍ରୀମାନେ କିଛି ସମୟ ନିଜକୁ ବ୍ୟସ୍ତ ରଖିବେ। ଟାସ୍କ ପୁରା କରିବାରେ ଅଭିଭାବକଙ୍କ ମଧ୍ୟ ଭୂମିକା ରହିଛି। ସେମାନେ ହୋମୱାର୍କ ଯୋଗୁଁ କିଛି ସମୟ ନିଜ ପିଲାଙ୍କ ସହିତ ବିତାଇ ପାରିବେ। ପ୍ରୋଜେକ୍ଟ ୱାର୍କ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନଙ୍କ ରଚନାତ୍ମକ ବିକାଶ ହୋଇଥାଏ। ତେବେ ଯାହା ହେଉନା କାହିଁକି ହୋମୱାର୍କ ପିଲାମାନଙ୍କ ସୃଜନଶୀଳତାକୁ ବଢ଼ାଇବା ସହ ସେମାନଙ୍କ ବୌଦ୍ଧିକ ସାମର୍ଥ୍ୟକୁ ଆଗକୁ ନେଇଥାଏ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

## ଏସିଆର ସ୍ଥିରତା ପାଇଁ ପୁତିନଙ୍କ ଯୋଜନା

**ସୌମେନ୍ଦ୍ର ଜେନା**

ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ପାଇଁ ଏସିଆର ସ୍ଥିରତା ଏବେ ବଡ ବିଷୟ ହୋଇଛି । ଦୀର୍ଘ ବର୍ଷ ଧରି ନିଜକୁ ୟୁରୋପର ରାଷ୍ଟ୍ର ଭାବେ ମନେକରି ଆସିଥିବା ରୁଷିଆ ଏବେ ୟୁରୋପରୁ ଦୂରେଇଯାଇ ଏସିଆର ନିକଟବର୍ତ୍ତୀ ହୋଇଛି । ୟୁକ୍ରେନ ସହ ପାଖାପାଖି ତିନିବର୍ଷର ଯୁଦ୍ଧ କାଳରେ ରୁଷିଆକୁ ଧ୍ୱଂସ କରିବା ପାଇଁ ପଡୋଶୀ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନକୁ ହାତଖୋଲା ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲାବେଳେ କେବଳ ଏସିଆର ରାଷ୍ଟ୍ରଗୁଡିକ ବିଶ୍ୱର ଅନେକ ମଞ୍ଚରେ ରୁଷିଆକୁ ସମର୍ଥନ କରିବା ସହିତ ରୁଷିଆର ଅର୍ଥନୀତି ଯେପରି ଭାଙ୍ଗି ନଯାଏ ସେଥିପାଇଁ ପାହାଡ ସଦୃଶ ଛିଡା ହୋଇ ଗୋଟିଏ ପଟେ ୟୁରୋପୀୟ ରାଷ୍ଟ୍ରଗୁଡିକର କଟକଣା, ସମାଲୋଚନାକୁ ସାମ୍ନା କରିବା ବେଳେ ଅପରପକ୍ଷେ ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ସହଯୋଗ କରିଆସିଥିଲେ । ପେଟ୍ରୋଲ ଓ ଗ୍ୟାସ ଯୋଗାଣ ୟୁରୋପକୁ ପ୍ରାୟ ବନ୍ଦ ହୋଇପଡିଥିଲାବେଳେ ଏସିଆର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ ରୁଷିଆଠାରୁ ସର୍ବାଧିକ ପରିମାଣର ତୈଳ ଓ ଗ୍ୟାସ କ୍ରୟ କରି ରୁଷିଆ ସାହସକୁ ଶକ୍ତିଶାଳୀ କରିଥିଲେ । ଇରାନପରି ରାଷ୍ଟ୍ର ନିଜେ ଡ୍ରୋନ୍ ଯୋଗାଣ ଦ୍ୱାରା ରୁଷିଆର ଆକ୍ରମଣକୁ ଶକ୍ତି ଯୋଗାଇ ଆସିଛି । ବିଶ୍ୱର ଅନେକ ରାଷ୍ଟ୍ରଙ୍କ ଦୃଷ୍ଟିରେ ସଇତାନ ପାଲଟିଥିବା ଉତ୍ତର କୋରିଆର ରାଷ୍ଟ୍ରପତି ପୁତିନଙ୍କ ପାଇଁ କେବଳ ଭଲ ପଡୋଶୀ ନୁହେଁ, ଭଲ ବନ୍ଧୁ ମଧ୍ୟ ହୋଇଛନ୍ତି । ଉତ୍ତର କୋରିଆ ନିଜର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ନାଟୋଶକ୍ତିକୁ ଅନେକାଂଶରେ ଭୟଭୀତ କରି ରଖିବାକୁ ସକ୍ଷମ ମଧ୍ୟ ହୋଇଛନ୍ତି । ସିରିଆର ସରକାର ବହୁ ଗୋଷ୍ଠୀର ସନ୍ତ୍ରାସୀ ଆକ୍ରମଣ ମଧ୍ୟରେ କେବେହେଲେ ରୁଷିଆକୁ ସମର୍ଥନ କରିବାଠାରୁ ଦୂରେଇଯାଇ ନାହାନ୍ତି । ଏପରିକି ଅତୀତରେ ରୁଷିଆ ବିରୋଧରେ ଲଢିଆସିଥିବା ଆଫଗାନ ସରକାର ମଧ୍ୟ ଏହି ସମୟରେ ରୁଷିଆର ନିକଟବର୍ତ୍ତୀ ହୋଇଛନ୍ତି । ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ପାଶ୍ଚାତ୍ୟ ଗୋଷ୍ଠୀର ଚାପ ସତ୍ତ୍ୱେ ରୁଷିଆକୁ ଛାଡିନାହାନ୍ତି । ଇଣ୍ଡୋନେସିଆ ଓ ଭିଏତନାମ ପରି ରାଷ୍ଟ୍ର ଆମେରିକାର ଲୋଭ ପ୍ରଦର୍ଶନ ସତ୍ତ୍ୱେ ରୁଷିଆର ସହଯୋଗୀ ରହିଛନ୍ତି । ଗୋଟିଏ ପଟେ ଆମେରିକାର ଜୋ ବାଇଡେନଙ୍କ ସରକାର ଏସିଆ ଓ ରୁଷିଆକୁ ଅସ୍ତବ୍ୟସ୍ତ କରିବା ଉଦ୍ଦେଶ୍ୟରେ କଠୋର କଟକଣା ଜାରି ରଖିଥିଲାବେଳେ ଏସିଆର ରାଷ୍ଟ୍ରଗୁଡିକ ଲଢୁଆ ମନୋବୃତ୍ତି ନେଇ ସେ ସବୁକୁ ସାମ୍ନା କରିଆସିଛନ୍ତି । ଶୀତଳଯୁଦ୍ଧ କାଳରେ ରୁଷିଆ ଆମେରିକାକୁ ଏକାକୀ ବିରୋଧ କରିବାକୁ ସକ୍ଷମ ଥିଲାବେଳେ ଏବେ ଏସିଆର ଅନେକ ରାଷ୍ଟ୍ର ସେହି ସ୍ଥିତିକୁ ଆସିଗଲେଣି । ଚୀନ, ଭାରତ, ଉତ୍ତର କୋରିଆ ଓ ଇରାନ ପରି ରାଷ୍ଟ୍ର ବିଗତ ଦିନରେ ଅନେକ ମଞ୍ଚରେ ଆମେରିକା ଏବଂ ତା'ର ବନ୍ଧୁ ରାଷ୍ଟ୍ରେ ୟୁରୋପର ଗୋଷ୍ଠୀଙ୍କୁ କଡା ଶବ୍ଦରେ ଜବାବ ଦେଇଛନ୍ତି । ଭାରତର ଏସ୍.ଜୟଶଙ୍କର, ଚୀନର ୱାଙ୍ଗ ୟି, ଇରାନର ରାଷ୍ଟ୍ରପତି ଏବଂ ସୁପ୍ରିମଲିଡର ଖୋମେନୀ, ଉତ୍ତର କୋରିଆର ରାଷ୍ଟ୍ରପତି ସେହି ତାଲିକାରେ ରହିଛନ୍ତି । ତେଣୁ ରୁଷିଆର ସ୍ଥାୟିତ୍ୱ ଏସିଆର ସ୍ଥିରତା ଏବଂ ସୁଦୃଢତା ଉପରେ ଅଧିକ ନିର୍ଭର କରୁଥିବା ହେତୁ ପୁତିନ ଏସିଆର ରାଷ୍ଟ୍ରଗୁଡିକ ମଧ୍ୟରେ ଉତ୍ତମ ସଂପର୍କ ଏବଂ ସହଯୋଗ ପାଇଁ ଧ୍ୟାନ ଦେଉଥିବା ଲକ୍ଷ୍ୟ କରାଯାଇଛି । ଆମେରିକାର କଠୋର କଟକଣା ମଧ୍ୟରେ ସେହିସବୁ ରାଷ୍ଟ୍ରଗୁଡିକୁ କିପରି ସାହାଯ୍ୟ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେଉଛନ୍ତି । ଉତ୍ତର କୋରିଆ ସହ ରୁଷିଆର ବୁଝାମଣା ତା'ର ପ୍ରମାଣ ।

ପୁତିନଙ୍କ ଦୃଷ୍ଟିରେ ଭାରତ-ଚୀନ ମଧ୍ୟରେ ସଂପର୍କକୁ ନେଇ ତିକ୍ତତା ବ୍ରିକ୍ସ ପାଇଁ ପ୍ରତିବନ୍ଧକ ହୋଇଥିବା ହେତୁ ଏହି ସମସ୍ୟାର ସମାଧାନ ପାଇଁ ସେ ଦୁଇଦେଶ ଉପରେ ଦୀର୍ଘଦିନ ହେବ ଚାପ ପ୍ରୟୋଗ କରି ଆସୁଥିଲେ । ଗତ ବ୍ରିକ୍ସ ବୈଠକ ପୂର୍ବରୁ ପୁତିନ ମଧ୍ୟ ସେ ଦିଗରେ ସଂକେତ ପ୍ରଦାନ କରିଥିଲେ । ଭାରତ ଏବଂ ଚୀନ ପରସ୍ପରର ବିରୋଧୀ ହୋଇ ଲଢିବା ବେଳେ ବ୍ରିକ୍ସ ସଂଗଠନରେ ଥିଲେ ମଧ୍ୟ ଅନେକ ନିଷ୍ପତ୍ତିରେ ଅଲଗା ରହିବେ ବୋଲି ସ୍ପଷ୍ଟ ଭାବେ ଦେଖୁଥିଲେ । ଏହି ବିଭେଦରୁ ଆମେରିକା ଲାଭ ନେବାକୁ ପ୍ରୟାସ କରୁଥିବା ଲକ୍ଷ୍ୟ କରିଥିଲେ । ଗୋଟିଏ ପଟେ ଆମେରିକା ଭାରତ ସହ ବନ୍ଧୁତା ଓ ପ୍ରତିରକ୍ଷା ସହଯୋଗ ଚୁକ୍ତି କରିଥିଲା ବେଳେ ଅନ୍ୟ ପକ୍ଷରେ ସମ୍ଭାବ୍ୟ ଚୀନ ଆକ୍ରମଣ ସମୟରେ ଭାରତକୁ ସହଯୋଗ ନକରିବାର ଧମକ ଦେବା ଦୃଷ୍ଟିରେ ପଡିଛି । ତେଣୁ ପୁତିନ ବ୍ରିକ୍ସ ଆଲୋଚନା କାଳରେ ଗତ ପାଞ୍ଚବର୍ଷ ଧରି ସୀମାନ୍ତରେ ଯୁଦ୍ଧପାଇଁ ପ୍ରସ୍ତୁତ ରହିଥିବା ଭାରତ ଓ ଚୀନର ନେତୃବୃନ୍ଦଙ୍କୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ ଯାହା ଏବେ ସଫଳ ହୋଇଛି । ସେହିପରି ଭାରତର ଅନ୍ୟ ଏକ ଶତ୍ରୁରାଷ୍ଟ୍ର ପାକିସ୍ତାନ ମଧ୍ୟ ଆମେରିକାର କଟକଣା ଏବଂ ଚୀନ ଉପରେ ଅଧିକ ନିର୍ଭରତା ମଧ୍ୟରେ ପେଷି ହୋଇ ଆସିଥିବା ସମୟରେ ପୁତିନ ପାକ୍‌ର ଶକ୍ତି ସଂକଟ ଦୂର କରିବାକୁ ହାତ ବଢାଇଛନ୍ତି । ଗୋଟିଏ ପଟେ ଚୀନ ଉପରେ ଅଧିକ ନିର୍ଭର କରୁଥିବା ରାଷ୍ଟ୍ର ଉତ୍ତର କୋରିଆ ଏବଂ ପାକିସ୍ତାନର ଚାପକୁ ହ୍ରାସ କରିବାଲାଗି ପୁତିନ ପ୍ରୟାସ ଜାରି ରଖିଛନ୍ତି । ସେଥିପାଇଁ ପାକ୍‌ରେ ଶକ୍ତି ସଙ୍କଟ ଦୂର କରିବାକୁ ପୁତିନ ସହାୟତା ଦେଇ ଏହି ରାଷ୍ଟ୍ରକୁ ସ୍ଥିରତା ଆଡକୁ ନେବାଲାଗି ଲକ୍ଷ୍ୟ ରଖିଛନ୍ତି । କାରଣ ପାକ୍‌ରେ ଜାଳେଣି ସଙ୍କଟ, ବିଦ୍ୟୁତ ସଙ୍କଟ ଏବେ ଚରମସୀମାରେ ପହଞ୍ଚିଛି । ଶସ୍ତା ତୈଳ ଏବଂ ବିଦ୍ୟୁତ ଯୋଗାଣ ଦ୍ୱାରା ପାକ୍‌ର ଆର୍ଥିକସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିଲେ ପାକ୍‌କୁ ଚୀନ, ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରର ଚାପକୁ ହ୍ରାସ କରାଯାଇପାରିବ । କାରଣ ଆମେରିକା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଷ୍ଟ୍ରଗୁଡିକୁ ସବୁବେଳେ ନଷ୍ଟ କରିଆସିଛି । ଆଫଗାନିସ୍ତାନ, ପାକିସ୍ତାନ, ସିରିଆ, ବଙ୍ଗଳାଦେଶ ଆଦି ରାଷ୍ଟ୍ର ଏହାର ସ୍ପଷ୍ଟ ପ୍ରମାଣ । ବ୍ରିକ୍ସ ମାଧ୍ୟମରେ ଏସିଆ ଏବଂ ଆଫ୍ରିକାର ଦୁର୍ବଳ ରାଷ୍ଟ୍ରଗୁଡିକୁ ସହାୟତା ଯୋଗାଇ ଦେବାଲାଗି ପୁତିନ ଯୋଜନା କରିଛନ୍ତି । ଡଲାରମୁକ୍ତ ବାଣିଜ୍ୟ, ବସ୍ତୁ ବିନିମୟ ବାଣିଜ୍ୟ ଏବଂ ବ୍ରିକ୍ସ ମୁଦ୍ରାର ବାଣିଜ୍ୟ ପାଇଁ ପୁତିନ ଜୋର ଦେଉଛନ୍ତି । ଏହାଦ୍ୱାରା ଏସବୁ ରାଷ୍ଟ୍ରଗୁଡିକରେ ଆମେରିକା ଓ ୟୁରୋପ ଉପରେ ନିର୍ଭରତା ହ୍ରାସ ପାଇବ । ଆବଶ୍ୟକ ସମୟରେ ଏହିସବୁ ରାଷ୍ଟ୍ରଗୁଡିକ ପରସ୍ପର ମଧ୍ୟରେ ବାଣିଜ୍ୟ ସଂପର୍କ ଜାରି ରଖିବାକୁ ସକ୍ଷମ ହୋଇପାରିବେ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେରିକାର ଡଲାର ଆବଶ୍ୟକ ହେବନାହିଁ । ଏହା ସମ୍ଭବ ହେଲେ ରୁଷିଆ ୟୁରୋପକୁ ବାଦ୍‌ଦେଇ ଏସିଆର ରାଷ୍ଟ୍ର ସମୂହକୁ ସାଙ୍ଗରେ ନେଇ ଚାଲିଲେ ଅନେକ ସମସ୍ୟାର ସମାଧାନ କରିପାରିବ । ଶକ୍ତିଶାଳୀ ରୁଷିଆ ପାଇଁ ସୁଦୃଢ ଏସିଆ ଗଠନ ପୁତିନଙ୍କ ପାଇଁ ଏବେ ପ୍ରାଥମିକତା ପାଲଟିଛି । ବିଗତ ଦିନମାନଙ୍କରେ ଭାରତର ପ୍ରତିରକ୍ଷା ଯୋଗାଣ କ୍ଷେତ୍ରରେ ଆମେରିକା ରୁଷିଆର ଅନେକ ଅଂଶ କାଟିବାକୁ ସକ୍ଷମ ହେବାପରେ ପୁତିନ ଏବେ ଭାରତକୁ ନିଜ ସପକ୍ଷରେ ନେବାଲାଗି ପ୍ରୟାସ ଆରମ୍ଭ କରିଦେଇଛନ୍ତି । ନିଜ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସାମଗ୍ରୀ ଭାରତକୁ ଦେବାଲାଗି ସେ ଆଗେଇ ଆସିଛନ୍ତି । ଯେମିତି ସୁଖୋଇ -୫୭ ଏବଂ ରାଡାର ବ୍ୟବସ୍ଥା, ତନ୍ମଧ୍ୟରେ ସୁଖୋଇ -୩୦ ସ୍ଥାନରେ ସୁଖୋଇ ୫୭ ପଞ୍ଚମପିଢୀର ଯୁଦ୍ଧବିମାନ ଭାରତରେ ନିର୍ମାଣ କରିବାକୁ ଟେକ୍ନୋଲୋଜି ହସ୍ତାନ୍ତର କରିବାକୁ ପୁତିନ ରାଜି ହୋଇଛନ୍ତି । ଗତ ଦିନରେ ଭାରତକୁ ଏହି ପ୍ରସ୍ତାବ ସେ ଦେଇସାରିଛନ୍ତି । ଯଦି ପୁତିନଙ୍କ ପ୍ରୟାସ ସଫଳତା ଲାଭ କରେ ତେବେ ଆଗାମୀ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଭାରତର ବାୟୁସେନାରେ ରୁଷିଆର ସହଯୋଗ ବିଗତ ଦିନମାନଙ୍କ ପରି ବଳବତ୍ତର ରହିବ । ଏଥିରୁ ରୁଷିଆ ଲାଭାନ୍ୱିତ ହେବା ସହ ଭାରତକୁ ମଧ୍ୟ ନିଜ ସପକ୍ଷରେ ରଖିପାରିବ ।



ସେହିପରି ଏକପ୍ରକାର ଏକାକୀ ହୋଇପଡିଥିବା ଉତ୍ତର କୋରିଆ ସହ ଏସିଆର ଅନ୍ୟ ରାଷ୍ଟ୍ରଗୁଡିକର ସାହାଯ୍ୟ ଓ ସହଯୋଗ ବୃଦ୍ଧିପାଇଁ ପୁତିନ ଜୋର ଦେଉଛନ୍ତି । ଦୀର୍ଘ ଦିନଧରି ଉତ୍ତର କୋରିଆରେ ଭାରତର କୂଟନୀତିକ କାର୍ଯ୍ୟାଳୟ ବନ୍ଦ ପଡିଥିଲାବେଳେ ଏବେ ଆକସ୍ମିକ ପୁନର୍ବାର ପୂରାଦମ୍‌ରେ ଖୋଲାଯାଇଛି । ପୁତିନଙ୍କ ପରାମର୍ଶକ୍ରମେ ଭାରତ ଏହି ପଦକ୍ଷେପ ନେଇଥିବା କଥା କୁହାଯାଉଛି । କାରଣ ପୁତିନ ଉତ୍ତର କୋରିଆ ଚୀନ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଥିବାବେଳେ ଭାରତ ସେ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବ ବୋଲି ମନେ କରୁଛନ୍ତି । ଉତ୍ତର କୋରିଆର ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ଆବଶ୍ୟକ ହେଉଥିବାରୁ ଭାରତ ସରକାର ଏ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବେ ବୋଲି ପୁତିନଙ୍କର ଆଶା ରହିଛି । ଭାରତୀୟ କମ୍ପାନୀମାନେ ଏବେ ଭାରତ ବାହାରେ ଅଧିକ ପୁଞ୍ଜି ନିବେଶ କରିବାକୁ ଚାହୁଁଥିବା ହେତୁ ଏହାର ସୁବିଧା ଉତ୍ତର କୋରିଆକୁ ପ୍ରଦାନ କରିବା ପୁତିନଙ୍କ ଲକ୍ଷ୍ୟ ରହିଛି । ଏହାଦ୍ୱାରା ସେ ଉତ୍ତର କୋରିଆର ସରକାରଙ୍କୁ ନିଜ ସପକ୍ଷରେ ନେବାକୁ ସକ୍ଷମ ହେବେ ଏବଂ ସେ ଦେଶର ଲୋକଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଇପାରିବେ ।

ଆମେରିକାରେ ଜାନୁଆରୀ ୨୦୨୫ରେ ଟ୍ରମ୍ପ ସରକାର ଶାସନକୁ ଆସିବାପରେ ରୁଷିଆ ଏବଂ ଏସିଆର ଅନେକ ରାଷ୍ଟ୍ରଗୁଡିକ ସହ ଆମେରିକାର ନୀତିରେ ପରିବର୍ତ୍ତନ ହେବ । ୟୁରୋପଠାରୁ ଆମେରିକା ସରକାର ଦୂରକୁ ଯିବା, ନାଟୋ ରାଷ୍ଟ୍ରଗୁଡିକ ଉପରେ ଅଧିକ ଅର୍ଥ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଟ୍ରମ୍ପଙ୍କ ଚାପ ରହିବାର ସମ୍ଭାବନା ଦେଖାଦେଇଛି । ସେ କ୍ଷେତ୍ରରେ ଏସିଆର ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ନେଇ ପୁତିନ ରୁଷିଆର ବାଣିଜ୍ୟ ପାଇଁ ବିକଳ୍ପ ବଜାର ଏବଂ ଆମଦାନିର ଉତ୍ସଗୁଡିକ ଖୋଜିବାରେ ଲାଗିଛନ୍ତି । ଆଗାମୀ ଦିନରେ ୟୁରୋପ ଏବଂ ଆମେରିକାର ପ୍ରଭାବରୁ ମୁକ୍ତରଖି କିପରି ରୁଷିଆକୁ ସଶକ୍ତ, ସୁଦୃଢ ଏବଂ ବିକାଶଶୀଳ କରାଯାଇପାରିବ । ସେଥିପ୍ରତି ଅଧିକ ଦୃଷ୍ଟିଦେବାକୁ ଏବେଠୁ ପୁତିନ ଆରମ୍ଭ କରିଛନ୍ତି । ଗୋଟିଏ ପଟେ ରୁଷିଆର ଉତ୍ପାଦକୁ ବାହାରେ ବିକ୍ରି କରିବା ଏବଂ ରୁଷିଆ ପାଇଁ ଆବଶ୍ୟକ ବସ୍ତୁ ବାହାରୁ କିଣିବା ପାଇଁ ସେ ନୂଆ ନୂଆ ସହଯୋଗୀ ରାଷ୍ଟ୍ରମାନଙ୍କୁ ଖୋଜିବାରେ ଲାଗିଛନ୍ତି । ଏଥିପାଇଁ ଏସିଆରେ ସ୍ଥିରତା ଆବଶ୍ୟକ । ତେଣୁ ପୁତିନ ଭାରତ-ଚୀନ, ଭାରତ-ଉତ୍ତର କୋରିଆ, ରୁଷିଆ- ପାକିସ୍ତାନ, ଇରାନ- ରୁଷିଆ ସହଯୋଗ ଉପରେ ଜୋର ଦେଇଛନ୍ତି । ଏହାଛଡା ମଧ୍ୟ ପ୍ରାଚ୍ୟର ଅନେକଗୁଡିଏ ରାଷ୍ଟ୍ରସହ ଉତ୍ତମ ସଂପର୍କ ରକ୍ଷାକରି ପ୍ରତିରକ୍ଷା ସହଯୋଗ ମାଧ୍ୟମରେ ସେ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ସ୍ଥାପନ ପାଇଁ ପୁତିନ ପ୍ରୟାସ ଚଳାଇଛନ୍ତି । ଏକଥା ସତ ଯେ ୨୦ବର୍ଷରୁ ଅଧିକକାଳ କ୍ଷମତାରେ ଥିବା କଟକଣା ଓ ଯୁଦ୍ଧକୁ ସାମ୍ନା କରୁଥିବା ପୁତିନ ଏବେ ମଧ୍ୟ ନିଜ ଦେଶରେ ଲୋକପ୍ରିୟ, ଦେଶ ବାହାରେ ଶକ୍ତିଶାଳୀ ବିଶ୍ୱନେତା, ଏସିଆ ପାଇଁ ତାଙ୍କ ସକାରାତ୍ମକ ପ୍ରୟାସ ସଫଳ ହେବା ଆଶା କରାଯାଏ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଆଜିଠୁ ବକ୍ସିଂ ଡେ ଟେଷ୍ଟ : ଭାରତର ନୂଆ ରଣନୀତି

ମେଲବୋର୍ଣ୍ଣ,୨୫।୧୨: ଆସନ୍ତାକାଲି ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟ ମେଲବର୍ଣ୍ଣରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ। ବର୍ଡର-ଗାଭାସ୍କର ଟ୍ରଫି ୧-୧ ସ୍ଥିତିରେ ଥିବାରୁ ୪ର୍ଥ ଟେଷ୍ଟ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସମୟ ଭୋର ୫.୩୦ରୁ ଆରମ୍ଭ ହେବାକୁ ଥିବା ବକ୍ସି ଡେ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ। ଦଳ ତାର ଚୂଡ଼ାନ୍ତ

## ଅଷ୍ଟ୍ରେଲିଆ ଦଳରେ ଦୁଇ ପରିବର୍ତ୍ତନ

ଏକାଦଶ ଘୋଷଣା କରି ସାରିଛି।

ଏବେ ଭାରତୀୟ ଟିମ ମେଲବର୍ଣ୍ଣ ପିଚ୍‌କୁ ଦେଖି ଚୂଡ଼ାନ୍ତ ଏକାଦଶରେ ବଡ଼ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି।ସେହିପରି ପ୍ରଥମ ୩ଟି ଟେଷ୍ଟରେ ଯଶସ୍ୱୀ ଜୈସାଲଙ୍କ ସହ ଇନିଂସ ଆରମ୍ଭ କରିଥିବା କେଏଲ ରାହୁଲଙ୍କ ବ୍ୟାଟିଂ ଅର୍ଡର ମଧ୍ୟ ବଦଳିପାରେ।ସେ ଓପନ ବଦଳରେ ୩ନଂରେ ବ୍ୟାଟିଂ କରିପାରନ୍ତି। ଏମିତି ହେଲେ ରୋହିତ ଶର୍ମା ବକ୍ସିଂ ଡେ ଟେଷ୍ଟରେ ଇନିଂସ ଆରମ୍ଭ କରିବେ ପିଙ୍କ ବଲ ଓ ଗାବା ଟେଷ୍ଟରେ ରୋହିତ ୬ନଂରେ ବ୍ୟାଟିଂ କରିଥିଲେ।

ରିପୋର୍ଟ ଅନୁସାରେ, ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ୬ ନଂରେ ବ୍ୟାଟିଂ କରିଥିବା ରୋହିତ ୪ଟା ଯାକ ଇନିଂସରେ ଫେଲ ମାରିଛନ୍ତି ଏଥର ସେ ମେଲବର୍ଣ୍ଣରେ ଇନିଂସ ଆରମ୍ଭ କରିବାର





ଯଥେଷ୍ଟ ସମ୍ଭାବନା ରହିଛି ଯଦି ରାହୁଲ ୩ନଂରେ ବ୍ୟାଟିଂ କରିବେ, ତାହେଲେ ପୂର୍ବରୁ ଏହି ସ୍ଥାନରେ ଖେଳୁଥିବା ଶୁବମନ ଗିଲ କେତେ ନମ୍ବରକୁ ଖସିବେ ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

ରିପୋର୍ଟରେ ଆହୁରି ଦାବି କରାଯାଇଛି ଯେ ଭାରତୀୟ ଟିମ ମ୍ୟାନେଜମେଣ୍ଟ ମେଲବର୍ଣ୍ଣ ପଡ଼ିଆରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ନେଇ ଚିନ୍ତା କରୁଛି ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯଦି ଚୂଡ଼ାନ୍ତ ଏକାଦଶରେ ରହିବେ, ତାହେଲେ ୩ଟି ଯାକ ଟେଷ୍ଟରେ ଠିକଠାକ ପ୍ରଦର୍ଶନ କରିଥିବା ନୀତୀଶ କୁମାର ରେଡ୍ଡୀ ବାଦ ପଡ଼ିବେ। ତେଣୁ ଆସନ୍ତାକାଲି ଭାରତୀୟ ଟିମର ରୂପରେଖ ଓ ବ୍ୟାଟିଂ ଅର୍ଡର କେମିତି ରହିବ, ତା ଉପରେ ସମସ୍ତଙ୍କ ନଜର ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ। ଘୋଷଣା କରିଥିବା ଚୂଡ଼ାନ୍ତ ଏକାଦଶରେ ଏକମାତ୍ର ସ୍ପିନର ଭାବେ ନାଥନ ଲାୟନ ରହିଛନ୍ତି। କିନ୍ତୁ ଘରୋଇ ଟିମ ପାଖରେ ଟ୍ରାଭିସ ହେଡ୍‌ଙ୍କ ରୂପରେ ବ୍ୟାଟିଂ ସ୍ପିନିଂ ଅଲରାଉଣ୍ଡର ରହିଛନ୍ତି।ମେଲବର୍ଣ୍ଣ ପିଚ୍‌ରୁ ଯଦି ସ୍ପିନରଙ୍କୁ ଫାଇଦା ମିଳିବ, ତାହେଲେ ସେ ମଧ୍ୟ ବୋଲିଂ କରିପାରିବେ। ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ। ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଦଳ ଚୂଡ଼ାନ୍ତ ଏକାଦଶରେ ଦୁଇଟି ପରିବର୍ତ୍ତନ କରିଛି। ନାଥନ ମ୍ୟାକସ୍ୱିନୀଙ୍କ ସ୍ଥାନରେ ଆସନ୍ତାକାଲି କଙ୍ଗାରୁ ଟିମ ପାଇଁ ଡେବ୍ୟୁ କରିବାକୁ ଯାଉଛନ୍ତି ୧୯ ବର୍ଷୀୟ ସାମ କୋନଷ୍ଟାସ ସେହିପରି ଆହତ ଜୋଶ ହାଜେଲଉଡଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଛି। ଏହାବାଦ ଟ୍ରାଭିସ ହେଡ ମଧ୍ୟ ଫିଟ ଘୋଷିତ ହୋଇଛନ୍ତି।

ତୃତୀୟ ଟେଷ୍ଟରେ ହେଡ୍ ଆହତ ସମସ୍ୟାରେ ପଡ଼ିଥିଲେ। ୪ର୍ଥ ଟେଷ୍ଟରେ ସେ ଖେଳିବା ନେଇ ଅନିଶ୍ଚିତତା ମଧ୍ୟ ଦେଖାଯାଇଥିଲା ।କିନ୍ତୁ ସେ ଏବେ ଫିଟନେସ ଟେଷ୍ଟରେ ପାସ୍ କରି ଯାଇଛନ୍ତି। ବକ୍ସିଂ ଡେ ଟେଷ୍ଟରେ ମଧ୍ୟ ସେ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ। ଟିମର ଅଧିନାୟକ ପାଟ କମିନ୍ସ ନିଶ୍ଚିତ କରିଛନ୍ତି।ଖରାପ ଫର୍ମ ଦେଇ ଗତି କରୁଥିବା ମିଚେଲ ମାର୍ଶ ମଧ୍ୟ ୪ର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରହିଛନ୍ତି। ପିଙ୍କ ବଲ ଟେଷ୍ଟରେ ହାଜେଲଉଡ ଆହତ ହେବାରୁ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଥିଲା ।ସେ ମଧ୍ୟ ଦମଦାର ପ୍ରଦର୍ଶନ କରିଥିଲେ କିନ୍ତୁ ତୃତୀୟ ଟେଷ୍ଟକୁ ହାଜେଲଉଡ ଫେରିବାକୁ ତାଙ୍କୁ ବାଦ ଦିଆଯାଇଥିଲା। ଏବେ ସେ ପୁଣି ଦଳକୁ ଫେରିଛନ୍ତି।

୧୯ ବର୍ଷୀୟ ସାମ କୋନଷ୍ଟାସ ଗୁରୁବାର ପଡ଼ିଆକୁ ଓହ୍ଲାଇବା କ୍ଷଣି ସର୍ବକନିଷ୍ଠ ଖେଳାଳି(ଓପନର) ଭାବେ ଅଷ୍ଟ୍ରେଲିଆ। ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବାର ରେକର୍ଡ କରବେ। ଭାରତ ବିପକ୍ଷ ସିରିଜରେ ଡେବ୍ୟୁ କରିଥିବା ମ୍ୟାକସ୍ୱିନୀ ୩ଟି ଯାକ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ତାଙ୍କୁ ସ୍କାଡରୁ ବାଦ ଦିଆଯାଇଥିଲା।

ତାଙ୍କ ସ୍ଥାନରେ ସାମଙ୍କୁ ସୁଯୋଗ ମିଳିଛି। ୨୦୧୧ରେ ବର୍ତ୍ତମାନ ଅଧିନାୟକ ପାଟ କମିନ୍ସ ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଅଷ୍ଟ୍ରେଲିଆ। ପାଇଁ ଡେବ୍ୟୁ କରିଥିଲେ। ଏବେ ସାମ ୧୯ ବର୍ଷ ବୟସରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ଓପନର ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି ସାମ। ଆସନ୍ତାକାଲି ଅଭିଜ୍ଞ ଉସମାନ ଖାଜାଙ୍କ ସହ ଅଷ୍ଟ୍ରେଲିଆ ପାଇଁ ଇନିଂସ ଆରମ୍ଭ କରିବେ।

ଅଷ୍ଟ୍ରେଲିଆ ଦଳ: ସାମ କୋନଷ୍ଟାସ, ଉସମାନ ଖାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କେରୀ(ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।

## କ୍ରିକେଟର ନମନ ଓଝାଙ୍କ ବାପାଙ୍କୁ ଜେଲ୍

ବେତୁଲ,୨୫।୧୨: ଭାରତୀୟ କ୍ରିକେଟର ନମନ ଓଝାଙ୍କ ବାପାଙ୍କୁ ୭ ବର୍ଷ ଜେଲ୍ ଓ ୧୪ ଲକ୍ଷ ଟଙ୍କାର ଜୋରିମାନ ହୋଇଛି। ଏକ ଅର୍ଥ ହଡ଼ପ ମାମଲାରେ କୋର୍ଟ ତାଙ୍କୁ ସଜା ଶୁଣାଇଛନ୍ତି। ୨୦୧୩ ମସିହାରେ ବେତୁଲ ଜିଲ୍ଲାର ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଜୌଲଖେଡ଼ା ଶାଖାରେ ପ୍ରାୟ ୧.୨୫ କୋଟି ଟଙ୍କା ଠକେଇ ମାମଲା ରୁଜୁ



ହୋଇଥିଲା। ୧୧ ବର୍ଷ ତଳରେ ଏହି ମାମଲାରେ ମୁଲତାଇ ଅତିରିକ୍ତ ସେସନ କୋର୍ଟ ନମନ ଓଝାଙ୍କ ବାପା ବିନୟ କୁମାର ଓଝାଙ୍କୁ ସଜା ଶୁଣାଇଛନ୍ତି।

୨୦୧୩ରେ ଘଟିଥିବା ଏହି ଠକେଇ ମାମଲାରେ ବିନୟ ଓଝାଙ୍କୁ ୨୦୨୨ରେ ବେତୁଲ ପୁଲିସ ଗିରଫ କରିଥିଲା। ବିନୟଙ୍କ ବିରୋଧରେ ଠକେଇ ଅଭିଯୋଗ ଲାଗିବା ପରେ ସେ ଦୀର୍ଘ ସମୟ ଧରି ଫେରାର୍ ଥିଲେ। ରିପୋର୍ଟ ଅନୁଯାୟୀ, ଜାଲିଆତି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଠକେଇ ୨୦୧୪ ମସିହାରେ ଭି.କେ ଓଝାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଥିଲା ସେବେଠାରୁ ସେ ଫେରାର ଥିଲେ ।

ରିପୋର୍ଟ ଅନୁଯାୟୀ, ବିନୟ ୩୪ ଟି ନକଲି ଆକାଉଣ୍ଟ ଖୋଲି ଜାଲିଆତି କରିଥିଲେ। କିସାନ କ୍ରେଡିଟ କାର୍ଡରୁ ନିଆଯାଇଥିବା ଋଣ ସେହି ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ ନକଲି ଆକାଉଣ୍ଟରୁ ପ୍ରାୟ ୧.୨୫ କୋଟି ଟଙ୍କା ପ୍ରତ୍ୟାହାର କରାଯାଇଥିଲା ।ଏହି ମାମଲାରେ ୩ ଅନ୍ୟ ଅଭିଯୁକ୍ତମାନେ ହେଲେ ଅଭିଷେକ ରତ୍ନାମ , ଧନରାଜ ଏବଂ ଲଖାନଲାଲଙ୍କୁ ମଧ୍ୟ ଜେଲ ଓ ଜରିମାନା କରାଯାଇଛି । ବିନୟ ୭ ବର୍ଷ ଜେଲ, ଧାରା ୪୦୯ ଅନୁଯାୟୀ ୭ ଲକ୍ଷ ଟଙ୍କା ଜୋରିମାନା କରାଯାଇଥିବା ବେଳେ ଧାରା ୧୨୦ ବି ଅନୁଯାୟୀ ୭ ବର୍ଷ କାରାଦଣ୍ଡ ଏବଂ ୭ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ଯିବେନି ସାମି

ମୁମ୍ବାଇ,୨୫।୧୨:ଅଷ୍ଟ୍ରେଲିଆ। ବିପକ୍ଷରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅଭିଜ୍ଞ ବୋଲର ମହମ୍ମଦ ସାମିଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିବା ପ୍ରଶଂସକଙ୍କ ପାଇଁ ଖରାପ ଖବର ସାମ୍ନାକୁ ଆସିଛି ସାମି ଅଷ୍ଟ୍ରେଲିଆ। ଗସ୍ତରେ ଯିବେ ନାହିଁ। ବିସିସିଆଇ ନିକଟରେ ଏହି ଦ୍ରୁତ ବୋଲରଙ୍କ ଫିଟନେସ୍ କୁ ନେଇ ଏକ ବଡ଼ ଅପଡେଟ୍ ସେୟାର କରିଛି, ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ସାମି ବର୍ଡର-ଗାଭାସ୍କର ଶୃଙ୍ଖଳାର ଶେଷ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ ଏବଂ ତାଙ୍କ ପାଇଁ ଦଳରେ ଯୋଗ ଦେବାର କୌଣସି ସୁଯୋଗ ନାହିଁ ୨୦୨୩ ବିଶ୍ୱକପ୍ ପରଠାରୁ ମହମ୍ମଦ ସାମି ଦଳବାହାରେ ଅଛନ୍ତି ଏବଂ ଏହା ପରେ ତାଙ୍କ ଗୋଡ଼ର ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା ସାମି ଘରୋଇ କ୍ରିକେଟକୁ ଫେରିଛନ୍ତି କିନ୍ତୁ ବିସିସିଆଇ ଡାକ୍ତରୀ ଦଳ ତାଙ୍କ ଫିଟନେସରେ ସନ୍ତୁଷ୍ଟ ନୁହଁନ୍ତି।

ବିସିସିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସାମି ଏହି ଗୋଇଠି ସମସ୍ୟାରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ନଭେମ୍ବରରେ ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ସାମି ୪୩ ଓଭର ବୋଲିଂ କରିଥିଲେ ଏହାପରେ ସେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି (ଏସଏମଏଟି)ର ସମସ୍ତ ୯ଟି ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ସେ ଅତିରିକ୍ତ ବୋଲିଂ ଅଧିବେଶନରେ ଅଂଶଗ୍ରହଣ କରି ନିଜର ବୋଲିଂ ଦକ୍ଷତା ବୃଦ୍ଧି କରିଥିଲେ ତେବେ ତାଙ୍କ ବାମ ଆଣ୍ଠୁରେ ପୁଣିଥରେ ସାମାନ୍ୟ ଫୁଲା ଦେଖିବାକୁ ମିଳିଛି।

## ବାପା ହେଲେ ଅକ୍ଷର ପଟେଲ

ନୂଆଦିଲ୍ଲୀ,୨୫।୧୨: ରୋହିତ ଶର୍ମାଙ୍କ ପରେ ଟିମ ଇଣ୍ଡିଆର ଆଉ ଜଣେ କ୍ରିକେଟର ବାପା ହୋଇଛନ୍ତି। ଅକ୍ଷର ପଟେଲଙ୍କ ପତ୍ନୀ ମେହା ମା ହୋଇଛନ୍ତି। ସେ ଗୋଟିଏ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିବା ଅକ୍ଷର ପଟେଲ। ଆଜି ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କିନ୍ତୁ ମେହା ଡିସେମ୍ବର ୧୯ରୁ ମା ହୋଇ ସାରିଥିବା ସେ କହିଛନ୍ତି। ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ସେମାନଙ୍କ ନବଜାତ ପୁଅ ଟିମ ଇଣ୍ଡିଆର ଜର୍ସୀ ପିନ୍ଧିଥିବା ଫଟୋ ପୋଷ୍ଟ କରିଛନ୍ତି। ଏଥିସହ ପୁଅର ନାଁ ମଧ୍ୟ ସେମାନେ ସମସ୍ତଙ୍କୁ ଜଣାଇଛନ୍ତି। ସେମାନେ ପୁଅର ନାଁ ହକଶ ପଟେଲ ରଖିଛନ୍ତି।ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ଲେଖିଛନ୍ତି, ସେ ଏବେ ବି ଗୋଡ଼ରୁ ଅଫ ସାଇଡ ଖୋଜୁଛି କିନ୍ତୁ ଆମେ ତାକୁ ବ୍ଲୁରେ ଆପଣଙ୍କ ଆଗରେ ଉପସ୍ଥାପନ କରିବାକୁ ଅପେକ୍ଷା କରିପାରୁ ନାହୁଁ ବିଶ୍ୱରେ ଭାରତର ସବୁଠାରୁ ଛୋଟ ତଥାପି ସବୁଠାରୁ ଫ୍ୟାନ ଓ ଆମ ହୃଦୟର ସବୁଠାର ଖାସ୍ ହକଶ ପଟେଲକୁ ସ୍ୱାଗତ ୧୯-୧୨-୨୦୨୪। ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମଧ୍ୟ ଅକ୍ଷର ପିତୃ ଛୁଟିରେ ଥିବା କହିଥିଲେ ସେ ପିତୃ ଛୁଟିରେ ଥିବାରୁ ତାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ସ୍କ୍ୱଡରେ ସାମିଲ କରାଯାଇଥିବା ରୋହିତ ସ୍ପଷ୍ଟ କରିଥିଲେ।

## ଦୃଢ ହେଲା ବୁମରାଙ୍କ ର୍ୟାଙ୍କିଙ୍ଗ

ଦୁବାଇ,୨୫।୧୨: ଟିମ ଇଣ୍ଡିଆର ସ୍ୱିଡଷ୍ଟାର ଯଶପ୍ରୀତ ବୁମରା ଆଇସିସି ଟେଷ୍ଟ ବୋଲିଂ ରାଙ୍କିର ୧ନଂ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ୧ନଂ ସ୍ଥାନରେ ରହି ସେ ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି।ବେଶ କିଛି ସପ୍ତାହ ଧରି ଆଇସିସି ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବୁମରା ଏବେ ଉକ୍ତ ସ୍ଥାନରେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି।



୨୦୨୪ରେ ସର୍ବାଧିକ ୱିକେଟ(୭୨) ଦଖଲ କରିଥିବା ବୁମ୍ରାଙ୍କ ରେଟିଂ ପଏଣ୍ଟ ଚଳିତ ସପ୍ତାହରେ ୯୦୪ରେ ପହଞ୍ଚି ଯାଇଛି ଏହି ରେକର୍ଡ ପଏଣ୍ଟ ସହ ବୁମ୍ରା କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଇସିସିରେ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ବୁମରା। ଓ ଅଶ୍ୱିନଙ୍କ ତୁଳନାରେ କେବେ ହେଲେ ବି କୌଣସି ଭାରତୀୟ ବୋଲର ଏତେ ରେଟିଂ ପଏଣ୍ଟ ହାସଲ କରିପାରି ନାହାନ୍ତି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଅଶ୍ୱିନ ୨୦୧୬ ଡିସେମ୍ବର ମାସରେ ରେକର୍ଡ ୯୦୪ ରେଟିଂ ପଏଣ୍ଟ ହାସଲ କରିଥିଲେ। ଆଜି ବୁମରା ଏହି ରେକର୍ଡର ସମକକ୍ଷ ହୋଇଛନ୍ତି।

ଆଜି ଆଇସିସି ଜାରି କରିଥିବା ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ବୁମରା ରହିଥିବା ବେଳେ ଦ୍ୱିତୀୟରେ କାଗିସୋ ରବାଡା, ତୃତୀୟରେ ଜୋଶ ହାଜେଲଉଡ, ୪ର୍ଥରେ ପାଟ କମିନ୍ସ ଓ ୫ମରେ ରବି ଅଶ୍ୱିନ ରହିଛନ୍ତି ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ତଳକୁ ଖସି ୧୦ନଂରେ ପହଞ୍ଚି ଯାଇଛନ୍ତି। ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ଜୋ ରୁଟ ରହିଛନ୍ତି। ଭାରତ ବିପକ୍ଷରେ ଦମଦାର ଇନିଂସ ଖେଳିଥିବା ଟ୍ରାଭିସ ହେଡ୍ ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଥିବା ବେଳେ ଯଶସ୍ୱୀ ଜୈସୋଲ ୫ମକୁ ଖସିଛନ୍ତି।ଟପ୍ ୧୦ରେ ଥିବା ଋଷଭ ପନ୍ତ ୧୨ ନଂରେ ପହଞ୍ଚିଛନ୍ତି ଷ୍ଟିଭ ସ୍ମିଥ ଗୋଟିଏ ସ୍ଥାନ ଉପରକୁ ଉଠି ୧୧ନମ୍ବର ସ୍ଥାନ ଦଖଲ କରିଛନ୍ତି।

## ଆଉ ପାଦେ ଉପରକୁ ଉଠିଲେ ମନ୍ଧାନା

ଦୁବାଇ,୨୫।୧୨: ଭାରତୀୟ ମହିଳା କ୍ରିକେଟ ଟିମର ଉପ ଅଧିନାୟକ ତଥା ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ଆଇସିସି ରାଙ୍କିଙ୍ଗରେ କମାଲ କରିଛନ୍ତି।ସେ ଉଭୟ ଟି-୨୦ ଓ ଦିନିକିଆ। ରାଙ୍କିଙ୍ଗର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଦିନିକିଆ। ସିରିଜରେ ନିଜର ଜଲା ଦେଖାଇଥିବା ସ୍ମୃତି ମନ୍ଧାନାଙ୍କୁ ଏବେ ଆଇସିସି ରାଙ୍କିଙ୍ଗରେ ଫାଇଦା ମିଳିଛି।



ବାମହାତୀ ମନ୍ଧାନା ଆଇସିସି ଦିନିକିଆ ରାଙ୍କିଙ୍ଗରେ ୭୩୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ୭୭୩ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ଲାଉରା ଲଭାର୍ଡଟ ଅଛନ୍ତି। ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ମନ୍ଧାନା ୧ନଂ ସ୍ଥାନ ଦଖଲ କରିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ସେ ୭୫୩ ପଏଣ୍ଟ ସହ ଦ୍ୱିତୀୟରେ ରହିଥିବା ବେଳେ ଅଷ୍ଟ୍ରେଲିଆର ବେଥ ମୁନୀ ୭୫୭ ପଏଣ୍ଟ ସହ ୧ନଂରେ ରହିଛନ୍ତି।

ଚଳିତ ସପ୍ତାହରେ ମନ୍ଧାନା ଇଣ୍ଡିଜ ବିପକ୍ଷରେ ଖେଳିଥିବା ୨ଟି ଟି-୨୦ରେ ଯଥାକ୍ରମେ ୬୨ ଓ ୭୭ ରନ କରିଥିଲେ। ଏଥିପାଇଁ ସେ ରାଙ୍କିଙ୍ଗର ୨ ନଂ ସ୍ଥାନରେ ପହଞ୍ଚଛନ୍ତି।୨୮ ବର୍ଷୀୟ ମନ୍ଧାନା ପ୍ରଥମ ଦିନିକିଆରେ ୯୧ ଓ ଦ୍ୱିତୀୟ ଦିନିକିଆରେ ୫୩ ରନର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଟିମର ଅଧିନାୟକ ହେଲୀ ମାଥ୍ୟୁସ ଟି-୨୦ ରାଙ୍କିଙ୍ଗରେ ୨ଟି ସ୍ଥାନ ଉପରକୁ ଉଠି ୩ନଂରେ ପହଞ୍ଚିଥିବା ବେଳେ ଅଷ୍ଟ୍ରେଲିଆର ତାହିଲା ମ୍ୟାଗ୍ରା ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ରହିଛନ୍ତି ୫ମ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଲାଉରା ଅଛନ୍ତି।

## ହର୍ଲିନଙ୍କ ଶତକରେ ଆଗୁଆ ସିରିଜ ବିଜୟ

ବଡ଼ୋଦରା,୨୫।୧୨:ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘ୍ରୋଇ ଦିନିକିଆ। ଶୃଙ୍ଖଳାକୁ ଭାରତ ଆଗୁଆ। ୨-୦ରେ କବ୍‌ଜା କରି ନେଇଛି ।୩ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାର ପ୍ରଥମ ଦିନିକିଆକୁ ୨୧୧ ରନ୍‌ରେ ଜିତିଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚ୍‌କୁ ୧୧୫ ରନ୍‌ରେ ଜିତି ନେଇଛି। ତୃତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାଲ ୧୧୦ ରନ୍ ଭାଗୀଦାରି ଗଢ଼ି ଭଲ ଆରମ୍ଭ ଦେଇଥିଲେ। ମନ୍ଧାନା (୫୩, ୪୭ ବଲ୍, ୭ ଚେକା, ୨ ଛକା) ନିଜର ୨୯ତମ ଅର୍ଦ୍ଧଶତକ ଅର୍ଜନ କରିବା ପରେ ଆଉଟ୍ ହୋଇଥିଲେ। ଏହା ପରେ ହର୍ଲିନ ଦେଓଲଙ୍କ ସହ ପ୍ରତୀକା (୭୬, ୮୬ ବଲ୍, ୧୦ ଚୌକା, ୧ ଛକା) ଦ୍ୱିତୀୟ ୱିକେଟ୍‌ରେ ୬୨ ରନ୍ ଯୋଡ଼ି ବଡ଼ସ୍କୋର୍ ଦିଗରେ ନେଇଥିଲେ। ନିଜର ପଦାର୍ପଣ ମ୍ୟାଚ୍‌ରେ ୪୦ ରନ୍ କରିଥିବା ପ୍ରତୀକା ଦ୍ୱିତୀୟ ମ୍ୟାଚ୍‌ରେ ନିଜର ପ୍ରଥମ ଅର୍ଦ୍ଧଶତକ ଅର୍ଜନ କରିଥିଲେ ଅଧିନାୟିକା ହର୍ମନପ୍ରୀତ କୌର (୨୨) ବଡ଼ ସ୍କୋର୍ କରିବା ପୂର୍ବରୁ ଆଉଟ୍ ହୋଇଥିଲେ।



ହର୍ଲିନ (୧୧୫, ୧୦୩ ବଲ୍, ୧୬ ଚୌକା) ନିଜର ପ୍ରଥମ ଶତକ ଅର୍ଜନ କରିଥିଲେ। ତାଙ୍କ ସହ ଜେମିମା ରଡ୍ରିଗୁଏଜ ଚତୁର୍ଥ ୱିକେଟ୍‌ରେ ୧୧୬ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କୋର୍ ୩୦୦ ପାର୍ କରିଥିଲେ। ରଡ୍ରିଗୁଏଜ (୫୨, ୩୬ ବଲ୍, ୬ ଚୌକା, ୧ ଛକା) ବିସ୍ଫୋରକ ପାଳି ଖେଳି ଶେଷ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ଏହାପରେ ରିଚା ଘୋଷ ୬ ବଲ୍‌ରୁ ୧୩ ରନ୍ କରି ଦଳୀୟ ସ୍କୋର୍‌କୁ ୩୫୮ରେ ପହଞ୍ଚାଇଥିଲେ। ଯାହା ଭାରତର ଯୁଗ୍ମ ସର୍ବୋଚ୍ଚ ସ୍କୋର୍ ହୋଇଥିଲା। ପୂର୍ବରୁ ଭାରତ ୨୦୧୭ (ପୋସେଫଷ୍ଟ୍ରମ୍‌ରେ) ଆୟର୍ଲାଣ୍ଡ ବିପକ୍ଷରେ ୩୫୮ ରନ୍ କରିଥିଲା। ଏହା ବିଦେଶୀ ମାଟିରେ ହୋଇଥିବାରୁ ଭାରତର ଇଣ୍ଡିଜ ବିପକ୍ଷ ସ୍କୋର୍ ଘରୋଇ ମାଟିରେ ସର୍ବୋଚ୍ଚ ସ୍କୋର୍। ପୂର୍ବରୁ ଭାରତର ଘରୋଇ ମାଟିରେ ସର୍ବୋଚ୍ଚ ସ୍କୋର୍ ୩୨୫ (ଦକ୍ଷିଣ ଆଫ୍ରିକା, ୨୦୨୪, ବେଙ୍ଗାଲୁରୁ) ଥିଲା ।

ଜବାବରେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ହେଲି ମାଥ୍ୟୁସ (୧୦୬, ୧୦୯ ବଲ୍, ୧୩ ଚୌକା)ଙ୍କ ଶତକ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ପ୍ରିୟା ମିଶ୍ର ୩ ଏବଂ ଦୀପ୍ତି ଶର୍ମା, ଟିଟାସ ସାଧୁ, ପ୍ରତୀକା ରାଲ ୨ ଲେଖାଏଁ ୱିକେଟ୍ ନେଇଥିଲେ ।ହର୍ଲିନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ବିବାଦରେ ୟୁଟ୍ୟୁବର୍ ଏଲଭିଶ୍ ଯାଦବ

ନୂଆଦିଲ୍ଲୀ: ବିଗ୍ ବସ୍ ଓଟିଟି-୨ ବିଜେତା ତଥା ଲୋକପ୍ରିୟ ୟୁଟ୍ୟୁବର୍ ଏଲଭିଶ୍ ଯାଦବ କୌଣସି ନା କୌଣସି କାରଣରୁ ହେଡଲାଇନରେ ରହିଆସୁଛନ୍ତି ।ଏବେ ପୁଣିଥରେ ସେ ବିବାଦ ଘେରକୁ ଆସିଛନ୍ତି। ସାପ ବିଷ ଚୋରା ଚାଲାଣ ମାମଲାରେ ଏଲଭିଶଙ୍କ ନାମ ଜଡ଼ିତ ରହିଛି ଏବଂ ଏଥିପାଇଁ ତାଙ୍କୁ ଜେଲ୍ ଯିବାକୁ ମଧ୍ୟ ପଡିଥିଲା। ଏବେ ଲାଗୁଛି ପୁଣି ଥରେ ଏହି ମାମଲାରେ ଏଲଭିଶଙ୍କ ସମସ୍ୟା ବଢ଼ିପାରେ।



ସୂଚନା ଅନୁସାରେ, ପୁଣି ଥରେ ୟୁଟ୍ୟୁବର୍ ଏଲଭିଶ୍ ଯାଦବ ଏବଂ ତାଙ୍କ ସାଙ୍ଗମାନଙ୍କ ସାପ ବିଷାକ୍ତ ମାମଲାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି କାରଣ ନୋଏଡା ପୁଲିସ ସମସ୍ତ ଅଭିଯୁକ୍ତଙ୍କ ଫୋନର ତଥ୍ୟ ପୁନରୁଦ୍ଧାର ପାଇଁ ଗାଜିଆବାଦସ୍ଥିତ ନିବାଡ଼ି ପରୀକ୍ଷାଗାରର ଯୁଗ୍ମ ନିର୍ଦ୍ଦେଶକଙ୍କୁ ଏକ ଚିଠି ପଠାଇଛି କେବଳ ଏତିକି ନୁହେଁ ସାତଦିନ ମଧ୍ୟରେ ଫୋନରୁ ଡିଲିଟ ହୋଇଥିବା ସମସ୍ତ ଡାଟାର ପୁନରୁଦ୍ଧାର ରିପୋର୍ଟ ପୁଲିସ ମାଗିଛି ପୁଲିସ ସନ୍ଦେହ କରୁଛି ଯେ ଏଲଭିଶ ଏବଂ ତାଙ୍କ ସାଙ୍ଗମାନଙ୍କ ଫୋନରୁ ରେଭ୍ ପାର୍ଟି ଓ ସାପ ବିଷ ଚୋରା ଚାଲାଣ ମାମଲାରେ କିଛି ଗୁରୁତ୍ୱପୂର୍ଣ୍ଣ ସୂତ୍ର ମିଳିପାରେ। ଏହି ମାମଲାରେ ତିନିଜଣଙ୍କ ଫୋନରୁ ତଥ୍ୟ ଡିଲିଟ କରିଥିବା ଅଭିଯୋଗ ମଧ୍ୟ ହୋଇଛି। ରେଭ୍ ପାର୍ଟିରେ ସାପର ବିଷବ୍ୟବହୃତ ହୋଇଛି ଏବଂ ଏଥିରେ ଇଲଭିଶଙ୍କର ମଧ୍ୟ ହାତ ଅଛି ବୋଲି କୁହାଯାଇଥିଲା। ଏହି ମାମଲାରେ ଶୁଣାଣି ସୋମବାର ଦିନ ଥିଲା। କିନ୍ତୁ ଏଲଭିଶ ଶୁଣାଣି ପାଇଁ କୋର୍ଟରେ ପହଞ୍ଚି ନଥିଲେ, ତେଣୁ ଏହି ମାମଲାର ପରବର୍ତୀ ଶୁଣାଣି ଜାନୁଆରୀ ୧୦ରେ ହେବ।

ସୂଚନାଯୋଗ୍ୟ, ନଭେମ୍ବର ୨୦୨୩ ରେ ପିପୁଲ୍ସ ଫର୍ ଆନିମଲ୍ସ ସଂଗଠନର ଜଣେ ସଦସ୍ୟ କୋଟାଲି ସେକ୍ଟର -୪୯ରେ ୟୁଟ୍ୟୁବର୍ ଏଲଭିଶ ଯାଦବ, ନାରାୟଣ, ରାହୁଲ, ରବିନାଥ, ଟିଟୁ, ଜୟକରନ ଏବଂ ଅନ୍ୟମାନଙ୍କ ବିରୋଧରେ ମାମଲା ଦାୟର କରିଥିଲେ। ଅଭିଯୋଗ ହୋଇଥିଲା ଯେ, ରେଭ୍ ପାର୍ଟିରେ ସାପର ବିଷବ୍ୟବହୃତ ହୋଇଛି ଏବଂ ଏଥିରେ ଇଲଭିଶଙ୍କର ମଧ୍ୟ ହାତ ଅଛି ବୋଲି କୁହାଯାଇଥିଲା। ଏହି ମାମଲାରେ ଶୁଣାଣି ସୋମବାର ଦିନ ଥିଲା କିନ୍ତୁ ଏଲଭିଶ ଶୁଣାଣି ପାଇଁ କୋର୍ଟରେ ପହଞ୍ଚି ନଥିଲେ, ତେଣୁ ଏହି ମାମଲାର ପରବର୍ତୀ ଶୁଣାଣି ଜାନୁଆରି ୧୦ରେ ହେବ।

## ୨୫ ଲକ୍ଷରୁ ୨କୋଟିକୁ ବଢ଼ିଲା ସହାୟତା ରାଶି

ହାଇଦ୍ରାବାଦ: 'ପୁଷ୍ପା ୨: ଦି ରୁଲ୍'ର ପ୍ରିମିୟର୍ ସୋରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲେ ଏହି ଘଟଣାର ଦୁଇ ଦିନ ପରେ ଅଭିନେତା ଅଲ୍ଲୁ ଅର୍ଜୁନ ମୃତ ମହିଳାଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ। ନିଜ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରି ସେ କହିଥିଲେ ଯେ, ଏହି ଘଟଣାକୁ ନେଇ ସେ ଖୁବ୍ ଦୁଃଖିତ ଏବଂ ମୃତ ମହିଳାଙ୍କ ପରିବାରକୁ ସେ ୨୫ଲକ୍ଷ ଟଙ୍କାର ସହାୟତା ରାଶି ଦେବେ । ହେଲେ ଏହାକୁ ନେଇ ବିବାଦ ବଢିବା ସହ ପୁଲିସ ତାଙ୍କୁ ଗିରଫ କରି ପଚରାଉଚରା କରିଥିଲା ଏମିତିକି ରାଗରେ ଲୋକେ ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ ଦିନକୁ ଦିନ ବିବାଦ ବଢୁଥିବା ଦେଖି ଏବେ ସହାୟତା ରାଶି ବଢ଼ାଇଛନ୍ତି । ଅଭିନେତା ଅଲ୍ଲୁ ଅର୍ଜୁନ ୧କୋଟି ଟଙ୍କା ଦେଇଥିବାବେଳେ ମୈତ୍ରୀ ମୁଭିଜର ନିର୍ମାତାମାନେ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି ।ଏହା ସହ 'ପୁଷ୍ପା ୨: ଦି ରୁଲ୍'ର ନିର୍ଦ୍ଦେଶକ ସୁକୁମାର ମଧ ପୀଡିତ ପରିବାରକୁ ୫୦ଲକ୍ଷ ଟଙ୍କା ଦେଇଛନ୍ତି ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra ସମ୍ପାଦକ : ସତ୍ୟଜିତ ମହାପାତ୍ର